## ସଂକ୍ଷେପରେ

### ୯ଲକ୍ଷ ୨୮ ହଜାର ଲୁଟ୍ ଘଟଣା
## ରାଜ୍ୟ ବାହାରେ ପୋଲିସ ଟିମ୍, ୪ ଅଟକ

ଛତ୍ରପୁର,୧୮।୯(ଡି.ଏନ.ଏ)-ଚମାଖଣ୍ଡି ଥାନା ରଘୁନାଥପୁର ନିକଟ ଜାତୀୟ ରାଜପଥରେ ସୋମବାର ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ କରି ୯ ଲକ୍ଷ ୨୮ ହଜାର ଟଙ୍କା ଲୁଟ୍ ହୋଇଥିଲା । ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ଟି ପୋଲିସ ଟିମ୍ ଗଠନ ହୋଇଛି। ଏଥିରୁ ଗୋଟିଏ ଟିମ୍ ରାଜ୍ୟ ବାହାରକୁ ଯାଇଛି। ଅନ୍ୟପକ୍ଷରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ସେମାନଙ୍କ ସମ୍ପର୍କରେ ସୂଚନା ମିଳିନି। ପ୍ରକାଶ ଯେ, ରଘୁନାଥପୁର ନିକଟ ପେଟ୍ରୋଲ ପମ୍ପର କର୍ମଚାରୀ ଡି. ହରିବନ୍ଧୁ ରେଡ୍ଡୀ ଓ ଏସ୍. ନାରେସୁ ରେଡ୍ଡୀ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଏକ କାରରେ ସେମାନଙ୍କ ପିଛା କରିଥିଲେ। ଜଣେ ଦୁର୍ବୃତ୍ତ କାରରୁ ଓହ୍ଲାଇ ଷ୍ଟିଲ୍ ପାଇପ୍‌ରେ ହରିବନ୍ଧୁଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗ ଛଡାଇ ନେଇଥିଲେ । ପୋଲିସ ପିଛା କରିବାରୁ ସେମାନେ କାର ଛାଡି ଅନ୍ୟଏକ ଗାଡିରେ ପଳାଇଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବେଗୁନିଆପଡ଼ା,୧୮।୯(ଡି.ଏନ.ଏ.)- ବେଗୁନିଆପଡ଼ା ଫାଣ୍ଡି ଏସ. ଛଚିନା ପଞ୍ଚାୟତର ମାଗୁରାଣି ଚାଅଁରା ଗ୍ରାମରେ ରବିବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଡି. ଯୋଗୀ ପାତ୍ର (୪୬)। ମଙ୍ଗଳବାର ଯୋଗୀଙ୍କ ସ୍ତ୍ରୀ ବେଗୁନିଆପଡ଼ା ଫାଣ୍ଡିରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୧୧/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏତଲା ପ୍ରକାରେ ଯୋଗୀ ରବିବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ବିସର୍ଜନ ସାରି ଘରକୁ ଫେରୁଥିବାବେଳେ ଘର ଆଗରେ ଗ୍ରାମର କେତେଜଣ ମିଶି ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ କୋଦଳା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଏମ୍‌ବିଏ ଛାତ୍ର ନିଖୋଜ ଘଟଣା
# ମିଳିଲା ଗଳିତ ମୃତଦେହ, ୨ ଅଟକ

ଭଞ୍ଜନଗର,୧୮।୯(ଡି.ଏନ.ଏ)

ଗଞ୍ଜାମ ଜିଲା ତାରସିଂ ଥାନା ଭୋଗରା ଗ୍ରାମର ଏମ୍‌ବିଏ ଛାତ୍ର ଜିତୁ ପ୍ରଧାନଙ୍କ ଗଳିତ ମୃତଦେହକୁ ପୋଲିସ ମଙ୍ଗଳବାର ତିନିଛକିଆ ଜଙ୍ଗଲରୁ ଉଦ୍ଧାର କରିଛି। ଜିତୁ ୨୦ ଦିନ ହେଲା ନିଖୋଜ ଥିଲେ। ଜଙ୍ଗଲରେ ପୋତାଯାଇଥିବା ତାଙ୍କ ବାଇକ୍‌କୁ ସୋମବାର ଉଦ୍ଧାର କରାଯାଇଥିଲା। ଜିତୁଙ୍କୁ ଖୋଜିବା ଦାବିରେ ସମ୍ପୃକ୍ତ ଅଞ୍ଚଳର ଆଦିବାସୀମାନେ ତିନିଛକିଆଠାରେ ରାସ୍ତାରୋକୋ କରିଥିଲେ। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବାଇକ୍ ମିଳିଥିବା ସ୍ଥାନଠାରୁ ପ୍ରାୟ ୨୦୦ ମିଟର ଦୂରରେ ପୋତା ଯାଇଥିବା ଜିତୁଙ୍କ ମୃତଦେହକୁ ଠାବ କରାଯାଇଥିଲା। ଏହା ଜାଣିବା ପରେ ଶତାଧିକ ଆଦିବାସୀ ଧନୁ, ତୀର ଧରି ରାସ୍ତାରୋକୋ ସ୍ଥଳରେ ପହଞ୍ଚିଥିଲେ। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ କରାଇବା ପାଇଁ ନେବାକୁ ଚାହିଁଥିଲେ ମଧ୍ୟ ସେମାନେ ଛାଡ଼ି ନ ଥିଲେ। ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ତଦନ୍ତରେ ଅବହେଳା କରିଥିବା ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ଆଣିବା ପାଇଁ ଅଡ଼ିବସିଥିଲେ। ଉତ୍ତେଜନାମୂଳକ ପରିସ୍ଥିତିକୁ ଦେଖି ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଭଞ୍ଜନଗର ଉପ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ପ୍ରମୁଖ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ରେଡ଼କ୍ରସରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଦିଆଯିବା ସହ ଆଗାମୀ ଦିନରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ୨୬ ଘଣ୍ଟା ଧରି ଚାଲିଥିବା ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଥିଲା। ଜିତୁ ଅପହରଣ ଓ ମୃତଦେହ ମିଳିବା ଘଟଣାରେ ପୋଲିସ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାଯୋଗ୍ୟ, ଜିତୁ ଭୁବନେଶ୍ୱରରେ ରହି ଏମ୍‌ବିଏ ପଢୁଥିଲେ। ୨୭ ତାରିଖରେ ଗ୍ରାମକୁ ଆସି ପରଦିନ ନିଜ ବାଇକ୍ ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ତିନିଛକିଆଠାରେ ଜଣେ ବନ୍ଧୁଙ୍କ ପାଖରେ ଅଟକିଥିଲେ। କୌଣସି କଥାକୁ ନେଇ ବନ୍ଧୁଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ଜିତୁଙ୍କର ଆଉ ଖୋଜଖବର ମିଳି ନ ଥିଲା। ପରିବାର ଲୋକେ ଥାନାରେ ଅଭିଯୋଗ କରିବାରୁ ପ୍ରଥମେ ନିଖୋଜ ଓ ପରେ ଅପହରଣ ମାମଲା ରୁଜୁ ହୋଇଥିଲା।

**ପ୍ରତିଶ୍ରୁତି ପରେ ଆଦିବାସୀଙ୍କ ରାସ୍ତା ଅବରୋଧ ହଟିଲା**



ମୃତଦେହ ପୋତାଯାଇଥିବା ସ୍ଥଳରେ ସାଇଣ୍ଟିଫିକ୍ ଟିମ।

## କିଷାନ ମଜଦୁର ସଭାର ଗଣସମାବେଶ




ବାହାରିଥିବା ଶୋଭାଯାତ୍ରା।

ପାଟପୁର,୧୮।୯(ଡି.ଏନ.ଏ.)

ଅଖିଳ ଭାରତ କିଷାନ ମଜଦୁର ସଭା (ଏଆଇକେଏମଏସ) ସାନଖେମୁଣ୍ଡି ବ୍ଲକ ଶାଖା ପକ୍ଷରୁ ଟି.ଗୋବିନ୍ଦପୁର ପଞ୍ଚାୟତରେ ସୋମବାର ଗଣସମାବେଶ ଅନୁଷ୍ଠିତ ହୋଇଛି। ଜମି, ଜଙ୍ଗଲ ଉପରେ ଅଧିକାର, ଆଦିବାସୀ ଜମିକୁ ଉଦ୍ଧାର, ଆଦିବାସୀ ଗ୍ରାମଗୁଡ଼ିକୁ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ, ଗୋପାଳ ଗଣ୍ଡ ଜଳଭଣ୍ଡାରରେ ବିସ୍ଥାପିତ ଆଦିବାସୀମାନଙ୍କୁ ମାଛ ଧରିବାର ଅଧିକାର ପ୍ରଦାନ ଆଦି ଦାବି ନେଇ ପ୍ରାୟ ୩୦ ଗ୍ରାମର ଶତାଧିକ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରା କରିଥିଲେ। ପରେ ଜକରାପଲ୍ଲୀ ଗ୍ରାମରେ ଆଦିବାସୀ ନେତା ଜିରମିୟ ଗମାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଏଆଇକେଏମଏସର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ କମିଟି ସଦସ୍ୟ ପ୍ରତାପ ନାୟକ, ଜିଲା ସମ୍ପାଦକ ପୀତବାସ ପ୍ରଧାନ, କନ୍ଧ ଜାନି, ଦଳିତ ନେତା ନବୀନ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଞ୍ଚଳର ଦଳିତ ଓ ଆଦିବାସୀମାନେ ଏକତ୍ରିତ ହୋଇ ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଥିଲା।

### ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକୋତ୍ସବ
## 'ପୂର୍ଣ୍ଣାଙ୍ଗ ଶିକ୍ଷା ଭଲ ମଣିଷ ସୃଷ୍ଟି କରିପାରିବ'

ଭଞ୍ଜନଗର,୧୮।୯(ଡି.ଏନ.ଏ.)

ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୫ତମ ଜିଲା ପାଠଚକ୍ର ସମ୍ମିଳନୀ ଏବଂ ସାଙ୍ଗଠନିକ ଆଲୋଚନା ମଧ୍ୟ ହୋଇଥିଲା। ଆୟୋଜିତ ସଭାରେ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାପତି କୃତୀବାସ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣାଞ୍ଚଳ ଶିକ୍ଷା ସଙ୍ଗଠକ ଉନା ସୀମାଞ୍ଚଳ ପାତ୍ର, ଜିଲା ଆବାହକ ଭାଗୀରଥି ମହାପାତ୍ର, ଲଲାଟେନ୍ଦୁ ସାମନ୍ତ, ଶଶଧର ବେହେରା, ଜିଲା ମହିଳା ପାଠଚକ୍ର ସଭାନେତ୍ରୀ କମଳ କୁମାରୀ ସାମନ୍ତ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶକ୍ତିପୀଠ ମ୍ୟାନେଜିଂ ଟ୍ରଷ୍ଟି ନିରଦା ବାସିନୀ ପଟ୍ଟନାୟକ, ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜିବନୀ ଏବଂ ଶିକ୍ଷା ଉପରେ ଆଲୋଚନା କରିଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା ଭଲ ମଣିଷଟିଏ ସୃଷ୍ଟି କରିପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ରତ୍ନମଞ୍ଜରୀ ପଣ୍ଡା ଦୁର୍ଗାସ୍ତୋତ୍ର ଓ ସୁନିତା ପାଣିଗ୍ରାହୀ ମା' ବହି ପାଠ କରିଥିଲେ। ସୁନନ୍ଦା ବେହେରା ଓ ରାମେଶ୍ୱର ସାହୁ ମାତୃ ସଙ୍ଗୀତ ଗାନ କରିଥିଲେ। ଜିଲାର ସମସ୍ତ ଶିକ୍ଷାକେନ୍ଦ୍ରର କର୍ମକର୍ତ୍ତାମାନେ ସମ୍ମିଳନୀରେ ଯୋଗ ଦେଇଥିଲେ। ଡ଼ିସେମ୍ବର ମାସରେ ୪୬ତମ ଜିଲା ସମ୍ମିଳନୀ ବେଣୀପଲ୍ଲୀ ଶିକ୍ଷାକେନ୍ଦ୍ରରେ କରିବା ପାଇଁ ଏହି ଅବସରରେ ନିଷ୍ପତି ନିଆଯାଇଥିଲା। ଶ୍ରୀଅରବିନ୍ଦ ଶକ୍ତିମୟୀ ଟ୍ରଷ୍ଟ ଏବଂ ଶିକ୍ଷାକେନ୍ଦ୍ରର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପାଠଚକ୍ରରେ ଯୋଗଦେଇଥିବା କର୍ମକର୍ତ୍ତା।

### ବାଇକ-ଅଟୋ ଧକ୍କା, ଜଣେ ଗୁରୁତର

କନିଷି,୧୮।୯(ଡି.ଏନ.ଏ.)

ଗୋଳନ୍ଥରା ଥାନା କନିଷି ହାଟସ୍ଥିତ ଦମକଳ ସେବାକେନ୍ଦ୍ର ନିକଟରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଏକ ବାଇକକୁ ଅଟୋ ଧକ୍କା ଦେବା ଫଳରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଛେଳିଆ ଗ୍ରାମର ଗୁପାଙ୍ଗ ବେହେରା (୨୫)। ଗୁପାଙ୍ଗ ବାଇକ ଯୋଗେ କନିଷି ହାଟରୁ ନିଜ ଗ୍ରାମକୁ ଯାଉଥିବାବେଳେ ଏକ ଅଟୋ ସାମ୍ନାପଟୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ଆହତଙ୍କୁ ଦମକଳ ବାହିନୀ କର୍ମଚାରୀ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ।

### ଗୋଆରେ ମତ୍ସ୍ୟଜୀବୀ ମୃତ
## ଜିଲାପାଳଙ୍କୁ ଭେଟିଲେ ପରିବାରବର୍ଗ

ଛତ୍ରପୁର,୧୮।୯(ଡି.ଏନ.ଏ.):

ଗୋଆରେ ଚମାଖଣ୍ଡି ଥାନା କତୁରୁ ଗାଁର ମତ୍ସ୍ୟଜୀବୀ ଜି. ନାରାୟଣଙ୍କ ମୃତ୍ୟୁ ଘଟିଛି। ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି । ତେବେ କିଭଳି ମୃତ୍ୟୁ ହେଲା ତାହା ସ୍ପଷ୍ଟ ଜଣାପଡିନି । ଏ ସମ୍ପର୍କରେ ନାରାୟଣଙ୍କ ଘରକୁ ମଙ୍ଗଳବାର ସକାଳେ ଖବର ଆସିବା ପରେ ବାପା ଜି. ଏରାୟା ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟିଥିଲେ । ପୁଅ ମୃତ୍ୟୁ ଘଟଣାର ତଦନ୍ତ ଓ ମୃତଦେହ ଘରକୁ ଫେରାଇ ଆଣିବା ବ୍ୟବସ୍ଥା କରିବାକୁ ଏରାୟା ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ୯ ତାରିଖରେ ଅନ୍ୟ ଯୁବକ ମାନଙ୍କ ସହ ମିଶି ନାରାୟଣ ଗୋଆ ଯାଇଥିଲେ। ସେଠାରେ ରହି ସମୁଦ୍ରକୁ ଯାଇ ମାଛ ମାରିବା କାମରେ ନିୟୋଜିତ ଥିଲେ । ବୋଟ୍‌ରେ ମାଛ ମାରିବାକୁ ଯାଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତଦେହକୁ କୋଷ୍ଟଗାର୍ଡ ଜବତ କରି ସ୍ଥାନୀୟ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ।

## ଋଣ ଖିଲାପିଙ୍କ ଘର ସିଲ କଲା ବ୍ୟାଙ୍କ

ପାଟପୁର,୧୮।୯(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରା ଓ କଙ୍କୋରଡ଼ା ଗ୍ରାମରେ ସୋମବାର କର୍ପୋରେଟ ବ୍ୟାଙ୍କ ଓ ଜିଲା ପ୍ରଶାସନ ଉପସ୍ଥିତିରେ ୨ ଜଣ ଋଣ ଖିଲାପିଙ୍କ ଘର ଓ ରାଇସ ମିଲକୁ ସିଲ କରାଯିବା ସହ ସର୍ବସାଧାରଣରେ ନିଲାମ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ୨୦୧୩ ରେ ବ୍ରହ୍ମପୁରସ୍ଥିତ କର୍ପୋରେଟ ବ୍ୟାଙ୍କରୁ ଏରେଣ୍ଡ୍ରା ଗ୍ରାମର ଜଣେ ବ୍ୟକ୍ତି ଘର ଓ ରାଇସମିଲ କରିବା ପାଇଁ ୮୦ ଲକ୍ଷ ଟଙ୍କା ଋଣ ନେଇଥିଲେ। ସେହିପରି କଙ୍କୋରଡ଼ା ଗ୍ରାମର ଜଣେ ମହିଳା ମଧ୍ୟ ନିଜ ଘର ବନ୍ଧକ ରଖି ଋଣ ନେଇଥିଲେ। ୨୦୧୭ ମଧ୍ୟରେ ଉଭୟେ ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ତଥାପି କେହି ଟଙ୍କା ପରିଶୋଧ କରି ନ ଥିଲେ। ତେଣୁ କର୍ପୋରେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଦେବବ୍ରତ ସାହୁ, ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ମଧୁସ୍ମିତା ବେହେରା, ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଘର ଓ ମିଲକୁ ସିଲ କରାଯାଇଛି।

## ଆମ ପୋଲିସ ସମିତି ବୈଠକ

ଶେରଗଡ,୧୮।୯(ଡି.ଏନ୍.ଏ.):

ଶେରଗଡ ବ୍ଲକ ବରମୁଣ୍ଡଳୀ ଗ୍ରାମରେ ସୋମବାର ବଡଗଡ ଥାନା ଆମ ପୋଲିସ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରମୁଣ୍ଡଳୀ ସରପଞ୍ଚ କାଳୁଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଥାନା ଏସଆଇ ଗୌରହରି ଜେନାଙ୍କ ସଂଯୋଜନାରେ ଆମ ପୋଲିସ ସମିତିର ଉପଦେଷ୍ଟା ମୂରଲୀଧର ପ୍ରଧାନ ବୈଠକ ପରିଚାଳନା କରିଥିଲେ । ବୈଠକରେ ପୀତବାସ ପ୍ରଧାନ, ଉଦୟନାଥ ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ବଡଗଡ ଥାନା ଆମ ପୋଲିସ ସମିତିର ସଭ୍ୟମାନେ ଯୋଗ ଦେଇ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଥିଲେ।

### ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୧୮।୯(ଡି.ଏନ.ଏ.)

ବୁଗୁଡ଼ା ବଳଦେବ ସ୍ୱାମୀ ବସଷ୍ଟାଣ୍ଡରେ ଦୁର୍ଗାପୂଜା ପାଇଁ ସୋମବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଶୁଭଖୁଣ୍ଟି ପୂଜା କରାଯିବା ପରେ ବାଦ୍ୟବାଜଣାରେ ଶୁଭଖୁଣ୍ଟିକୁ ସହର ପରିକ୍ରମା କରାଯାଇ ବଳଦେବ ମନ୍ଦିର ଓ ବିରଞ୍ଚି ନାରାୟଣ ମନ୍ଦିରକୁ ନିଆଯାଇ ବସଷ୍ଟାଣ୍ଡରେ ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୂର୍ଯ୍ୟନାରାୟଣ ସାହୁ କର୍ତ୍ତା ହୋଇଥିଲେ। ଦୁର୍ଗାପୂଜା କମିଟି ସଭାପତି ଅନିଲ ପଟ୍ଟନାୟକ, ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଉପସଭାପତି ଦୁର୍ଗା ପ୍ରସାଦ ଦାଶ, ସମ୍ପାଦକ ପବିତ୍ର କୁମାର ନାୟକଙ୍କ ସମେତ ପରିଚାଳନା କମିଟିର ସଭ୍ୟ ଓ ଗ୍ରାମବାସୀ ଯୋଗ ଦେଇଥିଲେ।







OFFICE OF THE PRINCIPAL

**SCIENCE COLLEGE**

KONKORADA, GANJAM-761144 (06814-251922)

E-mail id: sciencecollege.konkorada@gmail.com, E-mail id: sckj1981@gmail.com

**Walk-in-Interview**

Interested candidates are required to attend the Walk in interview on **26.09.2018** at 11.00 A.M. in the college premises for the following Posts. The candidates are required to come with their original testimonials in support of their educational qualifications and other publications if any along with a Bank Draft for Rs. 300/- drawn in favour of **Principal, Science College, Konkorada** payable at S.B.I., Konkorada Branch.

| Sl. No. | Name of the Post | No. of Posts | Educational Qualification |
|---|---|---|---|
| 01. | Lecturer in Odia | 01 | 55% of marks and above at P.G. Level |
| 02. | Lecturer in Education | 01 | 55% of marks and above at P.G. Level |
| 03. | Lecturer in Economics | 01 | 55% of marks and above at P.G. Level |
| 04. | Lecturer in Political Science | 01 | 55% of marks and above at P.G. Level |
| 05. | Lecturer in History | 01 | 55% of marks and above at P.G. Level |
| 06. | Lab. Asst. Zoology | 01 | B.Sc. with Zoology as one of the subject |

**Sd./- Principal, Science College, Konkorada, (Ganjam**








**AXIS BANK** — Registered Office: 'Trishul', 3rd Floor, Opp. Samartheswar Temple, New Law Garden, Ellisbridge, Ahmedabad-380006 Circle Office: Bhubaneswar — **NOTICE**

Notice is hereby given that the following persons have availed locker facilities from our Bank.

| BRANCH | LOCKER NO. | NAME OF THE LOCKER HIRER(S) MR./MS. | ADDRESS |
|---|---|---|---|
| Berhampur, Ganjam | 43 | Mohd. Abdul Safeer Tayub | Tulsi Nagar, 5th lane, Aska Road, Berhampur-760001 |
| Chandrasekharpur, Bhubaneswar | 2064 | Mr. Subrat Kumar Raj | At: Atala, P.O.: Jaypur, P.S.: Balianta, Dist.: Khurdha-752101 |
| Jharsuguda | 2051 | Mr. Jyoti Prakash De | S/o: Late Bidyut Prakash De, Opp. Shiv Mandir, Burdwan, W.B.-713102 |
| CRPF Square, Bhubaneswar | 3038 | Mr. Rabindra Kumar Jena | Flat No.: 204, Vinaydeep Apartment, Ashok Nagar, Bhubaneswar-751009 |
| Jajpur Town | 1074 | Mr. Bijaya Bhusan Mahunta | Plot No.: 210(A), Sastrinagar, Bhubaneswar - 751001 |
| Parlakhemundi | 67 | Mr. Srinivasu Kangava | New Kapu Street, Parlakhemundi, Dist.: Gajapati - 761200 |

They have failed and neglected in not operating locker for a considerable period of time. Whereas the bank has issued several notices to them from time to time calling upon to operate the locker and/or close the locker facility(ies), which were duly acknowledged by them and/or returned undelivered.

Whereas as a last chance, Notice is hereby given that if the above persons fail to operate locker **on or before 04.10.2018**, the Bank shall break and open the locks of locker at locker hirer's risk and responsibility, as per Banking Law and Practice and take inventory of items, if any, lying in the locker and keep the same in bank's custody until such time the arrears of rent along with interest, expenses, charges, etc. are paid to the bank. The Bank reserves the right to adjust the cash, if any found in the locker against the outstanding dues, if any of the persons to the Bank and it shall be treated as proper discharge on the part of the Bank and no claims, whatsoever, shall be entertained thereafter in this regard. For the balance dues, if any of locker rentals, the bank reserves its right to proceed legally against the locker hirer/s for recovery of its dues.

**Date : 18.09.2018, Place : Bhubaneswar** **Sd/- Circle BBO Head, Axis Bank Ltd., Bhubaneswar Circle**





## ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଜେଲ୍ ଗଲେ

ବ୍ରହ୍ମପୁର ଅଫିସ୍,୧୮।୯: ବ୍ରହ୍ମପୁର ସହର ବଡବଜାର ଅଞ୍ଚଳର ଜଣୈକା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଶିବ ପାତ୍ର (୨୫) । ଅଭିଯୁକ୍ତ ଶିବ ଛାତ୍ରୀଙ୍କୁ ଏକତରଫା ଭଲ ପାଉଥିବା ବେଳେ ଗତ ୧୬ ତାରିଖ ସନ୍ଧ୍ୟାରେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀଙ୍କ ମା ସୋମବାର ବଡବଜାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୧୪୮/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ।

## ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦାବି

ବ୍ରହ୍ମପୁର ଅଫିସ୍,୧୮।୯: ସୌଭାଗ୍ୟ ଯୋଜନାର ସଫଳତା ନେଇ କେନ୍ଦ୍ର ସରକାର ପ୍ରଚାର କରୁଥିଲେ ମଧ୍ୟ ତୃଣମୂଳସ୍ତରରେ ଏହା ସଫଳତାଠାରୁ ବହୁ ଦୂରରେ ରହିଯାଇଛି। ଲୋକମାନେ ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି। ମଙ୍ଗଳବାର ଏ ନେଇ ଅଭିଯୋଗ ହୋଇଛି। ଦିଗପହଣ୍ଡି ବ୍ଲକ ବୁଢ଼ାଢ଼େପ, ବାଲିବାଡ଼ି, ଗାଇଡ଼ା ଓ ବୀର ଲକ୍ଷ୍ମୀନାରାୟଣପୁର ଆଦି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିଥିଲେ ମଧ୍ୟ ପାଇପାରୁ ନାହାନ୍ତି । ସାଉଥ୍କୋ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି । ଏକ ଦାବିପତ୍ର ସାଉଥ୍କୋ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ଶ୍ରୀକାନ୍ତ ପାଢୀ, ରଘୁନାଥ ଗୌଡ଼, ସୁରେଶ କୁଣ୍ଡୁ, ସନାତନ ସାହୁ, ନିରଞ୍ଜନ ସାହୁ, ରାଜେନ୍ଦ୍ର ଗୌଡ଼, ଗୋପୀନାଥ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ନାଟକ ପାଣ୍ଡୁଲିପିର ଶୁଭାରମ୍ଭ

ବ୍ରହ୍ମପୁର ଅଫିସ,୧୮।୯: ସାମାଜିକ ଅନୁଷ୍ଠାନ ମାସ୍କୋ ଓ ଜାତୀୟ ସଙ୍ଗୀତ କଳାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ପ୍ରଥମ ସପ୍ତାହରେ ନାଟକ ‘ସିନ୍ଦୁର ପିନ୍ଧିଲି କାହାରି ପାଇଁ’ ଭଞ୍ଜମଣ୍ଡପରେ ମଞ୍ଚସ୍ଥ ହେବ । ଏନେଇ ସୋମବାରରୁ ନାଟକର ଅଭ୍ୟାସ ଆରମ୍ଭ ହୋଇଛି । ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଟକ ପାଣ୍ଡୁଲିପିର ଶୁଭାରମ୍ଭ କରାଯାଇଥିଲା । ନାଟକଟିକୁ ଡା. ରାମକୃଷ୍ଣ ସାହୁ ରଚନା କରିଥିବା ବେଳେ ଏହାକୁ ସାହୁ ଓ ଉମାଚରଣ ମିଶ୍ର ମିଳିତ ଭାବେ ନିର୍ଦ୍ଦେଶନା ଦେବେ। ନାଟକରେ ପ୍ରଦୀପ କୁମାର ଶତପଥୀ, ପି. ବୁଦ୍ଧଦେବ ପାତ୍ର, ସନ୍ଦୀପ ପଟ୍ଟନାୟକ, ସୁନୀଲ କୁମାର ସାବତ, ରାଜେନ୍ଦ୍ର ପ୍ରସାଦ ସାହୁ,ବନ୍ଦନା ମହାପାତ୍ର, କିରଣବାଳା ମିଶ୍ର, ନୀହାରିକା ସାହୁ ଓ ସାବିତ୍ରୀ ମହାପାତ୍ର ପ୍ରମୁଖ କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। କାର୍ଯ୍ୟକ୍ରମରେ କଳାକେନ୍ଦ୍ର ସମ୍ପାଦକ ସ୍ୱରଗୌରବ କୃଷ୍ଣ ପ୍ରସାଦ ସାବତ ନାଟକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହ ଧନ୍ୟବାଦ ଦେଇଥିଲେ ।

## ୧୫୦ ୟୁନିଟ୍ ରକ୍ତ ସଂଗ୍ରହ



ବ୍ରହ୍ମପୁର ଅଫିସ୍,୧୮।୯: ଗଣେଶ ପୂଜା ଅବସରରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଗୋସାଇଁନୂଆଗାଁ ପାଣିଗ୍ରାହୀ ସାହି ଲକ୍ଷ୍ମୀନାରାୟଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜା କମିଟି, ସ୍ୱେଚ୍ଛାକୃତ ରକ୍ତଦାନ ସଂଘ(ଏଭିବିଡ଼ି) ଏବଂ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା । ଏଥିରେ କମିଟିର ବହୁ ସଦସ୍ୟ ଏବଂ ସାହିବାସିନ୍ଦା ରକ୍ତଦାନ କରିଥିଲେ। ଅନେକ ପ୍ରଥମ ଥର ପାଇଁ ରକ୍ତ ଦେଇଥିଲେ। ଶିବିରରେ ପ୍ରାୟ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସ୍ଥାନୀୟ ରକ୍ତ ଭଣ୍ଡାରର ଡାକ୍ତର ପ୍ରସନ୍ନ କୁମାର ରଥଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସଭାପତି ଶ୍ରୀନିବାସ ପୃଷ୍ଟି, ସମ୍ପାଦକ ସତ୍ୟକାମ୍ ପାତ୍ର, ଲଳିତ ମୋହନ ମଙ୍ଗରାଜ, ମିହିର ରଞ୍ଜନ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ବିଷୋୟୀ, ଏଭିବିଡ଼ି ପକ୍ଷରୁ ଇଟି ରାଓ, ଜାମୁଲା ସୁରେଶ, ଇ. ରାଜା ସୁରେଶ, ସନ୍ତୋଷ ଘୋଷ, ଇ.ଜଗଦୀଶ, ନନ୍ଦେଶୁ ସେନାପତି, ଭେଙ୍କଟ୍ ରତ୍ନ ରାଜୁ, ପୂଜା କମିଟି ପକ୍ଷରୁ ଜଗା ସାହୁ, ମୃତ୍ୟୁଞ୍ଜୟ ସାବତ, ସୋନୁ ସାବତ, ସୁଦାମ ସାହୁ, ନୀଳାମ୍ବର ସାହୁ, ଶୁଭମ୍ ସାହୁ ଏବଂ ଅଜୟ ସାବତ ପ୍ରମୁଖ ପରିଚାଳନା କରିଥିଲେ । ପୂଜା ଅବସରରେ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

■ ଉଦ୍‌ଘାଟନ ପରଠୁ ହାଇବ୍ରିଡ୍ ଟଏଲେଟରେ ତାଲା

# ବିଏମ୍‌ସି ପକ୍ଷରୁ ପରିଚାଳନା ସଂସ୍ଥାକୁ ଶୋ-କଜ୍ ନୋଟିସ

ବ୍ରହ୍ମପୁର ଅଫିସ,୧୮।୯



ସିଟି ହସପିଟାଲ ନିକଟରେ ଥିବା ହାଇବ୍ରିଡ ଟଏଲେଟରେ ମଙ୍ଗଳବାର ତାଲା ଝୁଲୁଛି ।

■ ଉଦ୍‌ଘାଟନ ପରେ ମଧ ଠିକ ଭାବେ କାର୍ଯ୍ୟକାରୀ ହେଉନି ।

■ ପ୍ରତ୍ୟେକରେ ଶିଶୁ ଓ ଶାରୀରିକ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ ଓ ୟୁରିନାଲ ନିର୍ମାଣ

ବ୍ରହ୍ମପୁରକୁ ବାହ୍ୟ ମଳମୁକ୍ତ ସହରରେ ପରିଣତ କରିବା ନେଇ ମେ ୧୩ ମାତୃ ଦିବସରୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବାହ୍ୟ ମଳମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦୀର୍ଘ ୪ମାସ ମଧ୍ୟରେ ସହରର ପ୍ରତ୍ୟେକ ବସ୍ତିଅଞ୍ଚଳ ସମେତ ସମସ୍ତ ଅଞ୍ଚଳରେ ଆବଶ୍ୟକ ମୁତାବକ ହାଇବ୍ରିଡ ଟଏଲେଟ, ମିନି ହାଇବ୍ରିଡ ଟଏଲେଟ, କମ୍ୟୁନିଟି ଟଏଲେଟ, ପବ୍ଲିକ ଟଏଲେଟ ନିର୍ମାଣ ହୋଇଛି । କିନ୍ତୁ ସେଥିମଧ୍ୟରୁ ଅତ୍ୟାଧୁନିକ କୌଶଳରେ ନିର୍ମିତ ହୋଇଥିବା ହାଇବ୍ରିଡ ଟଏଲେଟଗୁଡିକ ଉଦ୍‌ଘାଟନ ପରେ ମଧ ଠିକ ଭାବେ କାର୍ଯ୍ୟକାରୀ ହେଉନ ଥିବା ଅଭିଯୋଗ ହୋଇଛି । ଏହାର ପରିଚାଳନା ଦାୟିତ୍ୱରେ ସୁଲଭ ଟଏଲେଟ ଗୁଡିକର ପରିଚାଳନା ଠିକ୍ ଭାବେ କରୁ ନ ଥିବା ବେଳେ ଅନେକ ଟଏଲେଟରେ ଉଦ୍‌ଘାଟନ ପରଠାରୁ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଫଳରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଟଏଲେଟ ବନ୍ଦ ରହୁଥିବା ନେଇ ଅଭିଯୋଗ ପରେ ମଙ୍ଗଳବାର ସୁଲଭକୁ ବିଏମ୍‌ସି ପକ୍ଷରୁ ଶୋ-କଜ୍ ନୋଟିସ ଜାରି କରାଯାଇଥିବା ଜଣାପଡିଛି।

ସହରର ଛୋଟ ଶିଶୁ, ଶାରୀରିକ ଦିବ୍ୟାଙ୍ଗ ତଥା ସହର ଓ ସହରବାହାରୁ ଆସୁଥିବା ବ୍ୟବସାୟୀ, ପର୍ଯ୍ୟଟକଙ୍କ ପାଇଁ ନିଗମ ପକ୍ଷରୁ ବିଭିନ୍ନ ମାର୍କେଟ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ୧୪ ହାଇବ୍ରିଡ ଟଏଲେଟ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା । ସେଥିମଧ୍ୟରୁ ୨୦୧୬-୧୭ରେ ପ୍ରଥମ ପର୍ଯ୍ୟାୟରେ ୭ ଏବଂ ୨୦୧୭-୧୮ ଆର୍ଥିକବର୍ଷରେ ୬ ଟଏଲେଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରତ୍ୟେକରେ ଶିଶୁ ଓ ଶାରୀରିକ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ ଓ ୟୁରିନାଲ ନିର୍ମାଣ କରାଯାଇଥିଲା । ୧୪ ଟି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩ ହାଇବ୍ରିଡ୍ ଟଏଲେଟର ଉଦ୍‌ଘାଟନ ସରିଛି । ଏହାର ପରିଚାଳନା ଦାୟିତ୍ୱ ସୁଲଭକୁ ପ୍ରଦାନ କରାଯାଇଛି ।

ଉଦ୍‌ଘାଟନର ଦୀର୍ଘ ମାସ ପରେ ମଧ ବହୁ ସ୍ଥାନରେ ଟଏଲେଟଗୁଡିକ ଠିକ ଭାବେ ଖୋଲାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସିଟି ହସ୍‌ପିଟାଲ, ଆସ୍କାରୋଡସ୍ଥିତ ମିନିଟ୍ରକ ଟର୍ମିନାଲ, ପାଏଲହଲ ନିକଟରେ ଥିବା ଟଏଲେଟ୍ ପ୍ରଭୃତିରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ଏହି ଟଏଲେଟ ଗୁଡିକ ନିର୍ଦ୍ଧାରିତ ସମୟରେ ଖୋଲାଯାଉ ନ ଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଗୋଟିଏ ପାର୍ଶ୍ୱରେ ସହରକୁ ବାହ୍ୟ ମଳମୁକ୍ତ ସହରରେ ପରିଣତ କରିବା ନେଇ ବିଏମ୍‌ସି ପକ୍ଷରୁ ଶୌଚାଳୟ ନିର୍ମାଣ କାର୍ଯ୍ୟ ଜୋରଦାର କରାଯାଉଛି। ସହରର ପ୍ରତ୍ୟେକ ଘରେ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ସହ କମ୍ୟୁନିଟି ଓ ପବ୍ଲିକ ଟଏଲେଟ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି । ନଭେମ୍ବର ୧୪ ସୁଦ୍ଧା ବାହ୍ୟ ମଳମୁକ୍ତ ସହରରେ ପରିଣତ କରିବାକୁ ଲକ୍ଷ୍ୟ ମଧ୍ୟ ରଖାଯାଇଛି । ଅପରପାର୍ଶ୍ୱରେ ଉଦ୍‌ଘାଟନର ଦୀର୍ଘ ମାସ ପରେ ମଧ ହାଇବ୍ରିଡ ଟଏଲେଟଗୁଡିକ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଯାହା ସହରକୁ ବାହ୍ୟମଳ ମୁକ୍ତ ସହରରେ ପରିଣତ କରିବା ସ୍ୱପ୍ନ ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଏନେଇ ବିଏମ୍‌ସି ପକ୍ଷରୁ ସୁଭଭକୁ ଶୋ-କଜ୍ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ତେବେ ଏନେଇ ସୁଲଭ ବ୍ରହ୍ମପୁର ଇନଚାର୍ଜ ଅର୍ଜ୍ଜୁନ ପାଣ୍ଡେଙ୍କୁ ପଚରାଯିବାରୁ, ବର୍ତ୍ତମାନ କେବଳ ପାଏଲ ହଲ ଓ ମିନିଟ୍ରକ ଟର୍ମିନାଲ ନିକଟରେ ଥିବା ହାଇବ୍ରିଡ ଟଏଲେଟ ବନ୍ଦ ହୋଇ ରହିଛି । ପାଏଲ ହଲ ନିକଟରେ ଥିବା ହାଇବ୍ରିଡ ଟଏଲେଟ ପାଣି ସମସ୍ୟା ଯୋଗୁ ବନ୍ଦ ରହିଥିବା ବେଳେ ମିନିଟ୍ରକ ଟର୍ମିନାଲ ଆଗରେ ତହସିଲ ଅଫିସର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ଟଏଲେଟ ମଧ୍ୟକୁ ଯାତାୟାତ ରାସ୍ତା ବନ୍ଦ ହୋଇଯାଇଛି, ଫଳରେ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଏହି ଦୁଇଟି ବ୍ୟତୀତ ସମସ୍ତ ଟଏଲେଟ ପରିଚାଳିତ ହେଉଥିବା ପାଣ୍ଡେ ସଫେଇ ଦେଇଛନ୍ତି ।

## ସାପ କାମୁଡ଼ାରେ ଶିଶୁ ମୃତ

ବ୍ରହ୍ମପୁର ଅଫିସ୍,୧୮।୯

ବିଷାକ୍ତ ସାପ କାମୁଡାରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ଅଲାରିଗଡ ଗ୍ରାମରେ । ମୃତ ଶିଶୁ ପୁତ୍ର ହେଲେ ବ୍ରହ୍ମପୁର ସଦର ଥାନା ବ୍ରହ୍ମାପଲ୍ଲୀ ବାସିନ୍ଦା ହୃଷୀକେଶ ବ୍ରହ୍ମାଙ୍କ ପୁତ୍ର ସୁନା । ସୁନା ଜନ୍ମ ହେବାଠାରୁ ମାଙ୍କ ସହିତ ଅଜାଘର ଅଲାରିଗଡ ଗ୍ରାମରେ ରହି ଆସୁଥିଲେ । ସୋମବାର ସକାଳେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ସୁନାଙ୍କୁ କାମୁଡି ଥିଲା । ପରିବାର ଲୋକେ ତାଙ୍କୁ ବଡ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି।

## ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୧୮।୯

ଦୁର୍ଘଟଣାର ଶିକାର ହୋଇ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରାୟଗଡା ଜିଲା ଅମ୍ବାଦଳା ଗ୍ରାମର ରମେଶ ବାଗ୍(୪୦)ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୪୬୩/୧୮ରେ ଏକ ମାମଲା ରୁଜୁ କରାଯାଇଛି । ଅଗଷ୍ଟ ୨୦ ତାରିଖରେ ରାୟଗଡା ଜିଲା ଅମ୍ବାଦଳା ଗ୍ରାମ ନିକଟରେ ଏକ ସଡକ ଦୁର୍ଘଟଣାରେ ରମେଶ ଗୁରୁତର ହୋଇଥିଲେ ।

# ଜିଲା ସ୍କୁଲ ସମୂହ କବାଡ଼ି, ଖୋ-ଖୋ ପ୍ରତିଯୋଗିତା



ବିଭିନ୍ନ ବ୍ଲକରୁ ଆସିଥିବା ଖେଳାଳିମାନେ ।

ବ୍ରହ୍ମପୁର ଅଫିସ୍,୧୮।୯

ଗଞ୍ଜାମ ଜିଲା ସ୍କୁଲ ସମୂହ କବାଡ଼ି ଏବଂ ଖୋଖୋ ପ୍ରତିଯୋଗିତା ମଙ୍ଗଳବାର ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦୁଇ ଦିନିଆ ପ୍ରତିଯୋଗିତାରେ ଜିଲାର ସମସ୍ତ ବ୍ଲକରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ମାଧ୍ୟମିକ ଶିକ୍ଷା ଅଭିଯାନର ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଡ. ଚିତ୍ରସେନ ପଶାୟତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ସମ୍ମାନିତ ଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍.ଗିରିଧର, ନ୍ୟାଶନାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଦୀନବନ୍ଧୁ ପାତ୍ର, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ, ବ୍ରହ୍ମପୁର ଷ୍ଟାଡିୟମ୍ ଇନ୍‌ଚାର୍ଜ ସଚ୍ଚିନ୍ଦ୍ର ମାଝି ପ୍ରମୁଖ ଯୋଗ ଦେଇଥିଲେ। ଢ଼ଉଗାଁ ବାସୁଦେବ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃଷକେତୁ ଦାସ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ, ପ୍ରକାଶ ଚନ୍ଦ୍ର ପଣ୍ଡା ଓ କେଦାର ସାହୁ ପରିଚାଳନା କରିଥିଲେ । ଭିଭି ଗିରି ବାଳିକା ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ।

## ମିଳିତ ମଞ୍ଚର ଶୋଭାଯାତ୍ରା

ବୁଗୁଡ଼ା,୧୮।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ପୂର୍ଣ୍ଣ ଅନୁଦାନ ଦାବିରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ପ୍ରତିବାଦ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମିଳିତ ମଞ୍ଚର ଆହ୍ୱାନକ୍ରମେ ବୁଗୁଡ଼ା ବ୍ଲକ ମିଳିତ ମଞ୍ଚ ପକ୍ଷରୁ ବୁଗୁଡ଼ା ବ୍ଲକର ବିରଞ୍ଚିପୁରରୁ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ରାଜ୍ୟ ସରକାରଙ୍କ ଉଦାସୀନତା ଓ ଶିକ୍ଷକ ବିରୋଧୀ ମନୋବୃତ୍ତିରୁ କିପରି ସ୍କୁଲ କଲେଜ ବନ୍ଦ ହୋଇ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନଷ୍ଟ ହେଉଥିବା ନେଇ ଅଭିଭାବକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ପ୍ରତିବାଦ ଓ ଶୋଭାଯାତ୍ରାରେ ବିଜୟ ଚନ୍ଦ୍ର ମହାରଣା, ବିଭୂତି ଭୂଷଣ ମିଶ୍ର, ଚନ୍ଦ୍ରଶେଖର ସାହୁ, ବି. ପ୍ରକାଶ ଚନ୍ଦ୍ର ପାତ୍ର, ଅନୁପ କୁମାର ପଣ୍ଡା, ମୃତ୍ୟୁଞ୍ଜୟ ହୋତା, ପ୍ରଭଞ୍ଜନ ମୁନି, ଅକ୍ଷୟ କୁମାର ସାହୁ, ସରୋଜ କାନ୍ତ ଦାଶ, ବସନ୍ତ କୁମାର ସାହୁ, ଲୋକନାଥ ମିଶ୍ର, କାହ୍ନୁ ଚରଣ ସ୍ୱାଇଁ, ତପନ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟାଳୟକୁ ପୋଷ୍ୟରେ ନେଲା ଜେସିଆଇ

ବ୍ରହ୍ମପୁର ଅଫିସ୍,୧୮।୯

ବ୍ରହ୍ମପୁର ଜେସିଆଇ ଲେଡିସ୍ କ୍ଲବ ତରଫରୁ ନୂଆ ଖଜୁରିଆ ବ୍ଲକ ଗ୍ରାଣ୍ଟ ଏମ୍ଇ ସ୍କୁଲକୁ ସୋମବାର ପୋଷ୍ୟ ଭାବେ ଗ୍ରହଣ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଏବଂ କ୍ଲବ ସଭାନେତ୍ରୀ ଜେ.ହରିପ୍ରିୟାଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରାଯାଇଥିଲା । କ୍ଲବ ଉପଦେଷ୍ଟା ଏଚ୍.ପି. ମଲାନ୍ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ ନିର୍ମାଣ କରାଯିବ। ଏହା ବର୍ତ୍ତମାନ ବିପର୍ଯ୍ୟସ୍ତ ଏବଂ ବିପଦପୂର୍ଣ୍ଣ ସ୍ଥିତିରେ ରହିଛି । ଏଥି ସହ ଆଗାମୀ ଦିନରେ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଏବଂ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ତାଲିମ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ । ଏହି ଅବସରରେ ସମ୍ପାଦିକା ଜେ.ସୁଖମାୟା, ରୁପା ଗୁପ୍ତା, କେ.କୁସୁମ, ଏମ୍.ଅନୁରାଧା, ଏସ୍.ସ୍ୱପ୍ନା, ଇ. ରୋଜାରାଣୀ, ପି.ନମିତା ପାତ୍ର, ପି. ରୋଜାଲିନ୍, ଭି.ଲିନା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ୱେତଚନ୍ଦ୍ର, ସରପଞ୍ଚ ବିଶ୍ୱମ୍ବର ସାସମଲ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।


ବିଦ୍ୟାଳୟ ଏବଂ କ୍ଲବ ମଧ୍ୟରେ ହୋଇଥିବା ଚୁକ୍ତିକୁ ପ୍ରଦର୍ଶନ କରାଯାଉଛି।

# ଡିଏଲ୍‌ଏସ୍‌ଏ ପକ୍ଷରୁ ଅଣସଂଗଠିତ ଶ୍ରମିକଙ୍କୁ କାର୍ଡ ବଣ୍ଟନ

ବ୍ରହ୍ମପୁର ଅଫିସ୍/ଦିଗପହଣ୍ଡି (ଡି.ଏନ.ଏ.)୧୮।୯


ଖମ୍ବାରୀଗାଁରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲଏସ୍ଏ) ଆନୁକୂଲ୍ୟରେ ଦିଗପହଣ୍ଡି ବ୍ଲକ ଖମ୍ବାରୀଗାଁରେ ଅଣ ସଂଗଠିତ ଶ୍ରମିକମାନଙ୍କ ନିମନ୍ତେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଜିଲା ଶ୍ରମ ଅଧିକାରୀ ବାବୁ ପାତ୍ର, ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, କେ.ନୂଆଗାଁ ଆଇଆଇସି ସୁଜିତ କୁମାର ନାୟକ, ପିଏ ପି.ତାରିଣୀ ରାଓ ଏବଂ ସରପଞ୍ଚ କେ.ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଣ ସଂଗଠିତ ଶ୍ରମିକମାନଙ୍କ ନିମନ୍ତେ ବିଭିନ୍ନ ଆଇନଗତ ସହାୟତା ଏବଂ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ପଞ୍ଚାୟତର ୧୦୦ ଜଣ ହିତାଧିକାରୀଙ୍କୁ ପଞ୍ଜୀକୃତ କାର୍ଡ ପ୍ରାଧିକରଣ କମିଟି ସଚିବ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ସଂଗ୍ରାମ କୁମାର ପ୍ରଧାନ, ଚିତ୍ରସେନ ଗୌଡ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ନାଟକ ମଞ୍ଚସ୍ଥ

ପୋଲସରା,୧୮।୯(ଡି.ଏନ.ଏ.)

ପୋଲସରା ବ୍ଲକ ମନଶିଳା ଗ୍ରାମରେ ସୋମବାର ରାତିରେ ଗଣେଶ ପୂଜା ଅବସରରେ ବାବା ନୀଳକଣ୍ଠେଶ୍ୱର ନାଟ୍ୟକଳା ସଂସଦ ପକ୍ଷରୁ ସାମାଜିକ ନାଟକ ‘ସୁଖ କିଣା ଏଠି ଦୁଃଖ ମାଗଣା’ ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷ ସଂଯୁକ୍ତା ବାଡ଼ତ୍ୟା, ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ।

## ନାରୀ ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୮।୯

ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ଆନୁକୂଲ୍ୟରେ ସେପ୍ଟେମ୍ବର ୬ରୁ ଆରମ୍ଭ ହୋଇ ୧୨ ଦିନ ଧରି ଚାଲିଥିବା ନାରୀ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଶତବାର୍ଷିକୀ ସମ୍ମିଳନୀ କକ୍ଷରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ କାର୍ଯ୍ୟାଳୟର ଉପସଚିବ ଡ. କୁଳମଣି ଓଝା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଜିର ପରିବର୍ତ୍ତିତ ସମାଜରେ ନାରୀ ସୁରକ୍ଷା ଓ ନାରୀ ସଶକ୍ତୀକରଣର ଆବଶ୍ୟକତା ଉପରେ ମୁଖ୍ୟଅତିଥି ଡ. ଓଝା ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ତଥା ମହାବିଦ୍ୟାଳୟ ଛାତ୍ରୀମାନେ ନିଜକୁ ସୁଦୃଢ଼ କରିବା ସହ ସମାଜରେ ଦେଖାଯାଉଥିବା ନୀତିବାଚକ ଦୃଷ୍ଟିଭଙ୍ଗୀକୁ ପ୍ରତିହତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ସ୍ୱର୍ଣ୍ଣପ୍ରଭା ମହାପାତ୍ର ଅଧକ୍ଷତା କରିଥିବା ବେଳେ ସଂଯୋଜିକା ଡ. ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଦେଇଥିଲେ । ୧୨ ଦିନ ବ୍ୟାପୀ ଅନୁଷ୍ଠିତ ଶିବିରରେ ୫ଜଣ ତାଲିମ ପ୍ରାପ୍ତ ପ୍ରଶିକ୍ଷିକା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଶାରୀରିକ ଆତ୍ମରକ୍ଷା କୌଶଳ ଶିକ୍ଷାଲାଭ କରିଥିଲେ । ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ,୧୮।୯

ଦକ୍ଷିଣାଞ୍ଚଳର ସର୍ବପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କ ସଭାପତିତ୍ୱରେ ଆୟୋଜିତ ଆସରକୁ ବ୍ରହ୍ମପୁର ପଲିଟେକ୍‌ନିକ ଅଧକ୍ଷ ଜି. ଚତୁର୍ଭୁଜ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ନଳିନୀକାନ୍ତ ଗୌଡ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ପଦ୍ମିନୀ ମିଶ୍ର ଏହାକୁ ସଂଯୋଜନା କରିଥିଲେ । ଦୁରା ରାମନାରାୟଣ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଡ. ବନମାଳୀ ପାଣିଗ୍ରାହୀ କବିତାଗୁଡିକର ସମୀକ୍ଷା କରିଥିଲେ । ଡ. କୁଳମଣି ଓଝା, ଦିଲୀପ କୁମାର ଚୌଧୁରୀ, ସୁଦାମ ପାଣିଗ୍ରାହୀ, କପିଳ ଚନ୍ଦ୍ର ମହାନ୍ତି, ଡି. ସତ୍ୟମ ଆଚାରୀ, ଅରୁଣ ମୋହନ ପାତ୍ର, ପୀତାମ୍ବର ସାହୁ, ମନ୍ମଥ ପାଢୀ, ଶାଶ୍ୱତ ମିଶ୍ର ଓ ମନୋଜ କୁମାର ପାଢୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦିଲୀପ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

# ଜିପିସିଡିଏର ସାଧାରଣ ବୈଠକ

ବ୍ରହ୍ମପୁର ଅଫିସ,୧୮।୯



ବୈଠକରେ ମଞ୍ଚାସୀନ ବିଧାୟକ ଓ ଅନ୍ୟମାନେ।

ଗଞ୍ଜାମ-ଫୁଲବାଣୀ କେମିଷ୍ଟି ଏଣ୍ଡ ଡ୍ରଗିଷ୍ଟସ୍ ଆସୋସିଏଶନ(ଜିପିସିଡିଏ)ର ସାଧାରଣ ବୈଠକ ସୋମନାଥ ନଗରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର କେତେକ ସଦସ୍ୟଙ୍କ ସିପ୍ଟିଂ ଲାଇସେନ୍ସ ତ୍ରୁଟିକୁ ସୁଧାରିବାକୁ କହିଥିଲେ । ସମସ୍ତ ସଦସ୍ୟଙ୍କୁ ଔଷଧୀୟ ଚାରା ରୋପଣ ନେଇ ମହାରଣା ପରାମର୍ଶ ଦେଇଥିଲେ। ଡ୍ରଗସ ଡିପାର୍ଟମେଣ୍ଟର ମନମୁଖି କାର୍ଯ୍ୟକୁ କର୍ମକର୍ତ୍ତାମାନେ ବିରୋଧ କରିବା ସହ ଡିପାର୍ଟମେଣ୍ଟ ପକ୍ଷରୁ ପ୍ରେସ୍କ୍ରିପସନ ବିନା ଔଷଧ ବିକ୍ରୟ କରା ନ ଯିବା ନେଇ ରହିଥିବା ନିୟମକୁ ଉଠାଇବାକୁ ଦାବି କରିଥିଲେ । ବିଧାୟକ ସଂଘ ପକ୍ଷରୁ କରାଯାଇଥିବା ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରି ପ୍ରେସ୍କ୍ରିପସନ ବିନା ଔଷଧ ବିକ୍ରୟ ନ କରିବା ନିୟମକୁ ଯଥାଶୀଘ୍ର ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମହୁଡାସ୍ଥିତ ଫାର୍ମାସୀ କଲେଜର ଟଙ୍କାକୁ ଅପବ୍ୟବହାର କରି ସଂଘର କେତେକ ସଭ୍ୟ ତିରୁପତି ଭ୍ରମଣରେ ଯିବା ଘଟଣାକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଥିଲା । ଜିପିସିଡିଏର ବାଇ-ଲ ଅନୁଯାୟୀ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସରୋଜ କୁମାର ସାହୁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଏସ. ରଞ୍ଜିତ କୁମାର ପାତ୍ର ସାଧାରଣ ସମ୍ପାଦକ ଓ ତ୍ରିପତି ବାଲାଜୀ ପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧୯ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ଜିଲା ପରିଷଦଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ସ୍ତ୍ରୀ, ଝିଅ

ପାତ୍ରପୁର,୧୮।୯(ଡି.ଏନ୍.ଏ.)- ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକର ଜଣେ ଜିଲାପରିଷଦ ସଭ୍ୟଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଓ ଝିଅ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଉଭୟ ମା ଓ ଝିଅ ସୋମବାର ବ୍ରହ୍ମପୁର ମହିଳା ଥାନା ଓ ମଙ୍ଗଳବାର ଜରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଗତ ୧୧ତାରିଖରେ କୌଣସି କାରଣକୁ ନେଇ ସ୍ୱାମୀ, ଶାଶୁ, ଦିଅର ମିଶି ମା ଓ ଝିଅଙ୍କୁ ମାଡ଼ ମାରିବା ସହ ଘରୁ ବାହାରି ଯିବାକୁ ଧମକ ଦେଇଥିବା ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ୧୬ ତାରିଖ ସନ୍ଧ୍ୟା ସ୍ୱାମୀ, ଶାଶୁ, ଦୁଇ ଦିଅର ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ୧୫ ମିନିଟ ମଧ୍ୟରେ ଘରୁ ନବାହାରିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଖବର ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ



ଆସିକା,୧୮।୯(ଡି.ଏନ୍.ଏ.): ଆସିକାସ୍ଥିତ ହରିହର ହାଇସ୍କୁଲ ପରିସରରେ ଆସନ୍ତା ୨୧ ତାରିଖରେ ବ୍ଲକ ସ୍ତରୀୟ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳତା ପାଇଁ ମଙ୍ଗଳବାର ମଧାହ୍ନରେ ଆସିକା ବ୍ଲକ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ଗାୟତ୍ରୀଦ ନାୟକ, ଏନଏସି ଅଧକ୍ଷା ମଧୁସ୍ମିତା ପୋଲାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାସ, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଗୁରୁବାର ସନ୍ଧ୍ୟାରେ ମୁଁ ହିରୋ, ମୁଁ ଓଡିଶା ରଥକୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ସମ୍ବର୍ଦ୍ଧନା କରାଯିବ। ଏହାପରେ ବିଜୁ ଯୁବ ବାହିନୀ ପକ୍ଷରୁ ଏକ ବାଇକ ଶୋଭାଯାତ୍ରାରେ ରଥକୁ ଅଣାଯିବ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ହରିହର ହାଇସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ ଲାଗି ବ୍ୟବସ୍ଥା କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଆସିକା ବ୍ଲକର ୨୭ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ କାହ୍ନୁ ଚରଣ ସ୍ୱାଇଁ ଓ ଏନଏସି ସଂଯୋଜକ ଶିବରାମ ମିଶ୍ର ସାମିଲ ଥିଲେ।

### ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ଆସିକା,୧୮।୯(ଡି.ଏନ୍.ଏ.): ଆସିକା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ମଙ୍ଗଳବାର ଗଞ୍ଜାମ ବିଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟା ମନ୍ଦିରର ସଭାପତି ଡ. ପ୍ରମୋଦ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଅଟଳ ଲିଙ୍ଗରାଜ, ବିଭାଗୀୟ ନୀରିକ୍ଷକ ସରୋଜ କୁମାର ପଟ୍ଟନାୟକ, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବିଭାଗ ପ୍ରମୁଖ ଉପେନ୍ଦ୍ର କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ଉପେନ୍ଦ୍ର ରଣା ଓ ସହପ୍ରାନ୍ତ ଶୈକ୍ଷିକ ପ୍ରମୁଖ ଆଶିଷ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ବାଳ, କିଶୋର ଓ ତରୁଣ ବର୍ଗର ୪୬ଟି ପ୍ରକଳ୍ପ ଏହି ମେଳାରେ ସ୍ଥାନ ପାଇଥିଲା ବେଳେ ସଂସ୍କୃତି ଜ୍ଞାନ, ଗଣିତ ଓ ବିଜ୍ଞାନ ପ୍ରଶ୍ନ ମଞ୍ଚରେ ୧୦୬ଜଣ, ଗଣିତ ପ୍ରକଳ୍ପରେ ୬ଜଣ, ଗଣିତ ଚାର୍ଟରେ ୬ଜଣ, ଗଣିତ ଓ ବିଜ୍ଞାନ ପ୍ରଶ୍ନ ବାଚନରେ ୧୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲା ଅନ୍ତର୍ଗତ ଆସିକା, ବ୍ରହ୍ମପୁର, ଛତପୁର, ଦିଗପହଣ୍ଡି, ଖଲ୍ଲିକୋଟ, ଚିକିଟି, ପାରଳାଖେମୁଣ୍ଡି, ଗୁଣପୁର ଆଦି ଅଞ୍ଚଳର ଶିଶୁ ବିଦ୍ୟା ମନ୍ଦିରର ପ୍ରତିଯୋଗିମାନେ ଅଂଶଗ୍ରହଣ କରିଥିଲେ।

## ■ ମୋଦି ସରକାର ଭ୍ରଷ୍ଟାଚାରରେ ବୁଡ଼ି ରହିଛି

# ୭ ଦଫା ଦାବି ନେଇ ରାଲି, ଆରଡିସି ଅଫିସ ଘେରାଉ

■ ଗଞ୍ଜାମ ଜିଲା କଂଗ୍ରେସର ଅଭିଯୋଗ

■ ବିଜେଡି ଶାସନରେ ଜିଲାର ବିକାଶ ବାଧାପ୍ରାପ୍ତ

ବ୍ରହ୍ମପୁର ଅଫିସ,୧୮।୯

କେନ୍ଦ୍ରର ମୋଦି ସରକାର ଦୁର୍ନୀତିରେ ବୁଡ଼ି ରହିଛି ଏବଂ ଦେଶବାସୀଙ୍କ ସହ ବିଶ୍ୱାସଘାତକତା କରିଥିବା ଗଞ୍ଜାମ ଜିଲା କଂଗ୍ରେସ ଅଭିଯୋଗ କରିଛି। ରାଫେଲ ଯୁଦ୍ଧ ବିମାନ କିଣାରେ ହୋଇଥିବା ମହାଦୁର୍ନୀତି ଏବଂ ଗଞ୍ଜାମ ଜିଲା ପ୍ରତି ୧୮ ବର୍ଷର ବିଜେଡି ସରକାର ସମସ୍ତ କ୍ଷେତ୍ରରେ କରିଥିବା ଅବହେଳାର ପ୍ରତିବାଦରେ ମଙ୍ଗଳବାର ବ୍ରହ୍ମପୁରରେ ବିଶାଳ ଶୋଭାଯାତ୍ରା, ଆରଡିସି ଅଫିସ ଘେରାଉ ଓ ବିକ୍ଷୋଭ ସମାବେଶ ହୋଇଥିଲା। ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ ଏବଂ ଆଗାମୀ ନିର୍ବାଚନରେ ଉଭୟ ସରକାରକୁ ହଟାଇବା ଉପରେ ଗୁରୁତ୍ୱ ଦେଇଥିଲେ ।

ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରୁ ଶୋଭାଯାତ୍ରା ବାହାରିଥିଲା। ଏଥିରେ ରାଜ୍ୟ କଂଗ୍ରେସ ସହ ପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଅନିଲ ଚୌଧୁରୀ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଯୋଗ ଦେଇଥିଲେ। ପୂର୍ବତନ ବାଚସ୍ପତି ଚିନ୍ତାମଣି



ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଦ୍ୟାନସାମନ୍ତରା ସାମିଲ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଦୀପକ ପଟ୍ଟନାୟକ, ସାକା ସୁଜିତ, ବିଜୟ ସାହୁ, ସନ୍ତୋଷ ନାୟକ ଏବଂ ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ ଜେନା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ପହଞ୍ଚିବା ପରେ ଆରଡିସି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଘେରାଉ କରାଯାଇଥିଲା ।

ଆନ୍ଦୋଳନ ସ୍ଥଳ ପ୍ରତିବାଦ ସଭାରେ ଅନିଲ ଚୌଧୁରୀ କହିଥିଲେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ସରକାରଙ୍କୁ ସମାଲୋଚନା କଲେ ବିଭିନ୍ନ ମାମଲାରେ ଛନ୍ଦାଯାଇ ହଇରାଣ କରାଯାଉଛି । ପ୍ରଦୀପ ମାଝି କହିଥିଲେ ଉପା ସରକାର ଶାସନରେ ଓଡ଼ିଶାକୁ ପ୍ରଚୁର ପରିମାଣର ଅନୁଦାନ ମିଳୁଥିଲା। ମୋଦି ସରକାର ଆଶାନୁରୂପ ଅନୁଦାନ ମଞ୍ଜୁର କରୁ ନ ଥିବା ସେ ଦର୍ଶାଇଥିଲେ ।

ବିଜେଡି ସରକାର ଶାସନରେ ଗଞ୍ଜାମ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି । କାମଧନ୍ଦା ନ ପାଇ ଲକ୍ଷ ଲକ୍ଷ ଶ୍ରମିକ ଦାଦନ ଖଟିବାକୁ ଅନ୍ୟତ୍ର ଯାଉଥିବା ଜିଲା କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ । ରାଫେଲ ଯୁଦ୍ଧ ବିମାନ କିଣା ଘୋଟାଲାର ତଦନ୍ତ ସହ ୭ ଦଫା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କ ଅନୁପସ୍ଥିତିରେ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ନୃସିଂହ ରଥ, ଦେବୀ ବିଶୋୟୀ, ଭୋକାଲି ସେଠୀ, କୃଷ୍ଣଚନ୍ଦ୍ର ଦ୍ୟାନସାମନ୍ତରା, ପ୍ରଫୁଲ୍ଲ ପଣ୍ଡା ଓ ମହିଳା କଂଗ୍ରେସ ନେତ୍ରୀ ସ୍ୱରୂପା ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ ।

## ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘର ସମୂହ ଛୁଟି ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୮।୯

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ତରଫରୁ ମଙ୍ଗଳବାର ଠାରୁ ସମୂହ ଛୁଟି ଆନ୍ଦୋଳନ ଆରମ୍ଭ ହୋଇଛି। ବ୍ରହ୍ମପୁରସ୍ଥିତ ସଂଘର ଗଞ୍ଜାମ ଜିଲା କାର୍ଯ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୦ରୁ ଅଧିକ ଡିପ୍ଲୋମା ଇଞ୍ଜିନିୟରମାନେ ଭାଗ ନେଇଥିଲେ। ସଂଘର ସଭାପତି ସୁବାସ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ମୂଳ ନିଯୁକ୍ତି ପଦବୀକୁ ସହକାରୀ ଯନ୍ତ୍ରୀ କରିବା, ପଦୋନ୍ନତି ହାର ଶତକଡା ୩୦ ଭାଗ ପରିବର୍ତ୍ତେ ୫୦ ଭାଗ କରିବା, ୩୧୪ କନିଷ୍ଠ ଯନ୍ତ୍ରୀଙ୍କୁ ନିୟମିତ ନିଯୁକ୍ତି, ପଞ୍ଚାୟତିରାଜ ବିଭାଗର ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ଉନ୍ନୀତ, ଅଣ ଇଞ୍ଜିନିୟରିଂ ବିଭାଗର ଡିପ୍ଲୋମା ଇଞ୍ଜିନିୟର କ୍ୟାଡର ପୁର୍ନଗଠନ, ୨୦ ବର୍ଷ ପୂରଣ କରିଥିବା ଯନ୍ତ୍ରୀଙ୍କ ଗ୍ରେଡ୍ ପେ ୫ହଜାର ୪ଶହ ଟଙ୍କା କରିବା, ସମସ୍ତ ବିଭାଗରେ ସେବାରତ ସମସ୍ତ ଡିପ୍ଲୋମା ଇଞ୍ଜିନିୟରିଂ ନିମିତ୍ତ ଏକକ କ୍ୟାଡର ରୁଲ ପ୍ରଚଳନ ଆଦି ଦାବି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ସମୂହ ଛୁଟି ଆନ୍ଦୋଳନ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।



ଆନ୍ଦୋଳନରତ ଡିପ୍ଲୋମା ଇଞ୍ଜିନିୟର ।

## ପୋଲସରାରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ପୋଲସରା,୧୮।୯(ଡି.ଏନ.ଏ.): ପୋଲସରା ସହରସ୍ଥିତ ଲୁଣିଘାଟି ପଡ଼ିଆ ପରିସରରେ ମଙ୍ଗଳବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁଁହିରୋ ମୁଁ ଓଡ଼ିଶା ରଥକୁବିଧାୟକସାହୁପୂର୍ତ୍ତବିଭାଗ ଡ଼ାକବଙ୍ଗଳା ଛକ ଠାରେ ପତାକା ଦେଖାଇ ଲୁଣିଘାଟିସ୍ଥିତ କାର୍ଯ୍ୟକ୍ରମ ସ୍ଥଳକୁ ପହଞ୍ଚାଇଥିଲେ। ଏଥିରେ ବିଜୁ ଯୁବ ବାହିନୀର ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି, ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷ ସଞ୍ଜୁକ୍ତା ବାଡତ୍ୟା, ତହସିଲଦାର ଅଶୋକ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟା ସସ୍ମିତା ତରାଇ, ଜଗନ୍ନାଥ ବେହେରା, ଥାନାଧିକାରୀ ଜିତେନ୍ଦ୍ର କୁମାର ମଳିକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ ବିଶୋୟୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ଦିଗପହଣ୍ଡି,୧୮।୯(ଡି.ଏନ.ଏ.)

ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ରବିବାର ଦିଗପହଣ୍ଡି ବ୍ଲକ ବଡ଼ଡୁମୁଲା ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଶିଳାନ୍ୟାସ କରିଛନ୍ତି। ଢ଼ାମଣାପଦର ଗ୍ରାମର କଲ୍ୟାଣ ମଣ୍ଡପ, କୃଷ୍ଣକୃପାମୟପୁର ଗ୍ରାମର ଭାଗବତ ଟୁଙ୍ଗୀ ନିମନ୍ତେ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ସୁମନ୍ତପୁର ଗ୍ରାମର କଲ୍ୟାଣ ମଣ୍ଡପକୁ ଉଦଘାଟନ କରିବା ସହ ବାଙ୍କେଶ୍ୱରୀ କୋଠଘର ନିମନ୍ତେ ସେ ଶିଳାନ୍ୟାସ କରିଥିଲେ। ପରେ ବଡ଼ଡୁମୁଲା ଗ୍ରାମର ପୋଖରୀ ପୁନଃଉଦ୍ଧାର କରିବା ସହ ୩୨ ଲକ୍ଷ ଟଙ୍କା ବ୍ୟୟରେ ମା’ ବାଙ୍କେଶ୍ୱରୀ ମନ୍ଦିର ଉନ୍ନୟନ କାର୍ଯ୍ୟ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ଅଭିରାମ ମିଳନ ମନ୍ଦିରର ୪୪ତମ ବାର୍ଷିକୋତ୍ସବରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାଙ୍କେଶ୍ୱରୀ ମନ୍ଦିର ପୀଠରେ ଆୟୋଜିତ ସମବାୟ ଋଣ ବଣ୍ଟନ କାର୍ଯ୍ୟକ୍ରମରେ ପ୍ରାଥମିକ ସେବା ସମବାୟ ସମିତିର ୨୫ଟି ମିଳିତ ଦେୟ ଗୋଷ୍ଠୀ ଜେଏଲଜି ଗ୍ରୁପକୁ ଋଣ ବଣ୍ଟନ କରିଥିଲେ।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର



@ ସୌରଭ



@ ସୁରେନ୍ଦ୍ର



@ ଟିଟୁସ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପଦଯାତ୍ରା

ଜି.ଉଦୟଗିରି,୧୮।୯(ଡି.ଏନ.ଏ.): ଜି.ଉଦୟଗିରି ବ୍ଲକ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ମଙ୍ଗଳବାର ବିଭିନ୍ନ ଦାବି ନେଇ ପଦଯାତ୍ରା କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମଞ୍ଚର ସଦସ୍ୟମାନେ ପଦଯାତ୍ରାରେ ବାହାରିଥିଲେ। ଗ୍ରେସିଙ୍ଗିଆ, ରଟିଙ୍ଗିଆ, କଟିଙ୍ଗିଆ ଓ ମାଳିକପଡ଼ି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତି ବିରୋଧରେ ସ୍ଲୋଗାନ ଦେଇଥିଲେ। ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ଶିକ୍ଷକ ନେତାମାନେ କହିଥିଲେ। ଏଥିରେ ମଞ୍ଚର ମନୋଜ ତ୍ରିପାଠୀ, ଚତୁର୍ଭୁଜ ସାହୁ, ଜିତେନ୍ଦ୍ର ସାମଲ, ଶିବରାମ ସାହୁ, ମାନସ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ସବୁଜିମା ଉପରେ ବିଜ୍ଞାପନ ଗ୍ରହଣ

■ ପ୍ରଚାର ପାଇଁ ବୃକ୍ଷକୁ ଯନ୍ତ୍ରଣା

■ ଗଛରେ ମରାଯାଉଛି ୧୦ରୁ ଅଧିକ ଲୁହାକଣ୍ଟା

■ ଶୁଖି ନଷ୍ଟ ହୋଇଗଲାଣି ଅନେକ

ବ୍ରହ୍ମପୁର ଅଫିସ,୧୮।୯

ବ୍ରହ୍ମପୁରକୁ ସବୁଜ ସୁନ୍ଦର ରଖିବା ପାଇଁ ସରକାରଙ୍କ ତରଫରୁ ମାଗଣାରେ ଚାରା ବଣ୍ଟନ ଏବଂ ରୋପଣ କରାଯାଉଛି । ଏଥିରେ ଅନେକ ସାମାଜିକ ସଂଗଠନ ମଧ୍ୟ ସାମିଲ୍ ହେଉଛନ୍ତି । ହେଲେ ଅନ୍ୟପଟେ କିଛି ଏମିତି ବ୍ୟକ୍ତି ଏବଂ ସଂଗଠନ ମଧ୍ୟ ରହିଛି, ଯେଉଁମାନେ ବୃକ୍ଷ ହତ୍ୟା କରୁଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି କୋଚିଂ ସେଣ୍ଟର୍, କମ୍ପ୍ୟୁଟର୍ ସେଣ୍ଟର୍, ନର୍ସିଂ ହୋମ୍ ଏବଂ ଅନ୍ୟ କେତେକ ବ୍ୟବସାୟିକ ସଂସ୍ଥା । ବିଭିନ୍ନ ରୋଗର ଉପଶମର ପ୍ରତିଶ୍ରୁତି ଭରା ବିଜ୍ଞାପନଗୁଡ଼ିକ କିନ୍ତୁ ବୃକ୍ଷକୁ ରୋଗୀଣା କରିଦେଉଛନ୍ତି । ନିଜର ପ୍ରଚାର କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ବୃକ୍ଷରେ ବିଜ୍ଞାପନ ଲଗାଇ ଦେଉଛନ୍ତି । ବିଜ୍ଞାପନକୁ ଖଞ୍ଜିବା ପାଇଁ ବୃକ୍ଷଗୁଡ଼ିକରେ ୧୫ରୁ ୨୦ ଲୁହାକଣ୍ଟା ଏବଂ ଲୁହାର ତାର ଲଗାଉଛନ୍ତି । ଫଳରେ ବୃକ୍ଷଟି ଧୀରେ ଧୀରେ ଦୁର୍ବଳ ହେବା ସହ ଶୁଖି ଯାଉଛି । ଆଉ ସବୁଜିମା ରହୁନାହିଁ ।

ବ୍ରହ୍ମପୁର ସହରର ବିଭିନ୍ନ ରାସ୍ତା କଡ଼ରେ ବହୁ ସଂଖ୍ୟକ ଗଛ ଥିବା ଯୋଗୁ, ସେଗୁଡ଼ିକରେ ବିଜ୍ଞାପନ ଲଗାଇ ନିଜର ପ୍ରଚାର କରାଯାଉଛି । ବିଜ୍ଞାପନ ଫଳକକୁ ଖଞ୍ଜିବା ପାଇଁ ଲୁହା ଏବଂ ଅନ୍ୟାନ୍ୟ ଧାତୁର କଣ୍ଟା ଏବଂ ଲୁହା ତାର ବୃକ୍ଷ ଚାରିପାଖରେ ଗୁଡ଼ାଇ ଦିଆଯାଉଛି। ଏଗୁଡ଼ିକ ବର୍ଷା ପାଣି ବାଜିବା ପରେ ବିଷାକ୍ତ ହୋଇଯାଉଛନ୍ତି । ଫଳରେ ବୃକ୍ଷ ଶୁଖିଯାଇଥାଏ। ବଢ଼ି ପାରୁନାହିଁ । ବିଜ୍ଞାପନ ଲଗାଇବା ପାଇଁ ମହାନଗର ନିଗମ ତରଫରୁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜାଗା ରହିଛି, କିନ୍ତୁ ଏଥି ପାଇଁ ଭଡ଼ା ଦେବାକୁ ପଡ଼ିଥାଏ । ହେଲେ ବୃକ୍ଷରେ ବିଜ୍ଞାପନ ପାଇଁ ଭଡ଼ା ଦେବାକୁ ହୁଏନାହିଁ । ସେଥିପାଇଁ ବୃକ୍ଷକୁ ଏହି ସଂସ୍ଥାଗୁଡ଼ିକ ନିଜର ପ୍ରଚାର ପାଇଁ ଅଧିକ ପସନ୍ଦ କରିଥାନ୍ତି । ଏମିତିକି କେତେକ ବୃକ୍ଷରେ ପ୍ରାୟ ଉପରୁ ତଳଯାଏଁ ୧୦ରୁ ଅଧିକ ବିଜ୍ଞାପନ ଫଳକ ଲଗାଯାଇଥାଏ । ଏପରିକି ଡାଳ ମଧ୍ୟ ଏଥିରୁ ବର୍ତ୍ତି ନ ଥାଏ । ମହାନଗର ନିଗମ କର୍ତ୍ତୃପକ୍ଷ ପକ୍ଷରୁ ମଧ୍ୟ ଏହା ବିରୋଧରେ କୌଣସି ପଦକ୍ଷେପ ନିଆଯାଉନାହିଁ । ବ୍ରହ୍ମପୁରରେ ବୃକ୍ଷରୋପଣ ଦିଗରେ ଗତ କିଛି ବର୍ଷ ହେଲା ‘ସବୁଜ ବାହିନୀ’ ନାମକ ଏକ ସଂଗଠନ କାର୍ଯ୍ୟ କରୁଛି । ରବିବାର ଏହି ସଂଗଠନର କର୍ମକର୍ତ୍ତାମାନେ ବ୍ରହ୍ମପୁର ସହରର ତିନିଟି ରୁଟ୍‌ରେ ବୁଲି, ବୃକ୍ଷରେ ଲାଗିଥିବା ବିଜ୍ଞାପନଗୁଡ଼ିକ ଚିହ୍ନଟ କରିଥିଲେ। ସଂଗଠନ ସଭାପତି ଶିବରାମ ପାଣିଗ୍ରାହୀଙ୍କ କହିବାନୁଯାୟୀ, ତିନିଟି ଦଳରେ ୬ଜଣ ବାହାରିଥିଲୁ । ଗୋଟିଏ ଫାଷ୍ଟଗେଟ୍‌ରୁ ମେଡ଼ିକାଲ୍ କଲେଜ ଯାଏ, ଆଉ ଗୋଟିଏ ଗାନ୍ଧୀନଗରରୁ ବାହାରି ବିଜିପୁର, ଷ୍ଟେଶନ୍ ଏବଂ ଅମ୍ବପସରା ରାସ୍ତା ଏବଂ ଆଉ ଗୋଟିଏ ରାମଲିଙ୍ଗମ୍ ଟ୍ୟାଙ୍କ ପାଖରୁ ଗିରି ରୋଡ଼ ଦେଇ ଆମ୍ବପୁଆ ଯାଏ ଯାଇଥିଲୁ । ପ୍ରାୟ ୨ଶହ ବୃକ୍ଷରେ ବିଜ୍ଞାପନ ଲାଗିଥିବା ଦେଖିବାକୁ ମିଳିଲା । ଅନେକ ବୃକ୍ଷର ଅବସ୍ଥା ଖରାପ ହେଲାଣି। ପ୍ରାୟ ୧୦ରୁ ଅଧିକ ଲୁହାକଣ୍ଟା ଗୋଟିଏ ଗଛରେ ମରାଯାଇଛି । ସେଗୁଡ଼ିକ ସୁଖିଗଲାଣି । ଆଗାମୀ ଦିନରେ ସହର ସାରା ବୁଲି ବୃକ୍ଷରୁ ବିଜ୍ଞାପନ ବାହାର କରିବୁ ବୋଲି ସେ ପ୍ରକାଶ କରିଛନ୍ତି । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା କହିଛନ୍ତି, ୧୯୯୯ ମହାବାତ୍ୟା, ଫାଇଲିନ୍ ଏବଂ ହୁଡ୍‌ହୁଡ୍ ଘୁର୍ଣ୍ଣିଝଡ଼ରେ ସହରର ଅନେକ ବୃକ୍ଷ ଭାଙ୍ଗିଯାଇଥିଲା । ଆଉ ଯେତିକି ବଞ୍ଚିଛି, ସେଗୁଡ଼ିକ ଠିକ୍ ଭାବେ ବଞ୍ଚିବା ଆବଶ୍ୟକ। ନ ହେଲେ ବ୍ରହ୍ମପୁର ଏହାର ସବୁଜିମା ହରାଇବ। ସହରକୁ ସବୁଜିମାରେ ଭରିଦେବା ପାଇଁ ବିଭାଗ ତରଫରୁ ନିୟମିତ ଚାରା ରୋପଣ କରାଯାଉଛି । ଯେଉଁ ସଂସ୍ଥାଗୁଡ଼ିକ ବୃକ୍ଷରେ ବିଜ୍ଞାପନ ଲଗାଉଛନ୍ତି, ସେମାନେ ସେଥିରୁ ନିବୃତ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି ।



ଏକ ବୃକ୍ଷରେ ବିଜ୍ଞାପନ ଲାଗିଛି ।




ଜଣେ ଗ୍ୟାରେଜ୍ ମାଲିକ ବୃକ୍ଷରେ କଣ୍ଟା ଲଗାଇ ଟାୟାର୍ ଖଞ୍ଜିଛନ୍ତି ।

## ଗୁଣ୍ଡାରେ ସପ୍ତରଙ୍ଗ କାର୍ଯ୍ୟକ୍ରମ

ପାତ୍ରପୁର,୧୮।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଗୁଣ୍ଡାସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ମଙ୍ଗଳବାର କୃଷି ବିଭାଗ ତରଫରୁ ସପ୍ତରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାାଇଛି। ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ରାୟ ପ୍ରଦୀପ ପଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ କୃଷି ଅଧିକାରୀ ବାସୁଦେବ ବିଷୋୟୀ ସ୍ଥାନୀୟ ସରପଞ୍ଚ ଏ. ମମତା, ମତ୍ସ୍ୟ ଅଧିକାରୀ ସାନ୍ତନୁ ଗିରି, ଉଦ୍ୟାନ ବିଭାଗ ଅଧିକାରୀ ମିତାଲି ମିଶ୍ର ପ୍ରମୁଖ ଯୋଗ ଦେଇ ଧାନ ଫସଲର ରୋଗ ପୋକ ନିୟନ୍ତ୍ରଣ ଓ ଜୈବିକ ସାର ପ୍ରୟୋଗ କରିବା, ଧାନ ଚାଷ ସହ ପ୍ରତ୍ୟେକ ଚାଷୀ ମାଛ ଚାଷ କରି ଅଧିକା ଲାଭ ଉଠାଇବାକୁ ଅଧିକାରୀ ମାନେ ଚାଷୀ ମାନଙ୍କୁ ପରମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି ଗ୍ରାମସେବିକା ଶାନ୍ତି ବେହେରା ପରିଚାଳନା କରିଥିବା ବେଳେ ବହୁ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଳି ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି

**ବୁଗୁଡ଼ା,୧୮।୯(ଡି.ଏନ.ଏ.):** ବୁଗୁଡ଼ା ତହସିଲ ଅନ୍ତର୍ଗତ ବିରଞ୍ଚିପୁର ଗ୍ରାମର ଏକ ସାହିର ମୁଖ୍ୟଗଳି ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମର କେତେକ ଲୋକ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ଲଟ ନଂ. ୮୬୨୫ ଓ ପ୍ଲଟ ନଂ. ୧୧୮୩ ହେଉଛି ଏକ ସାହିର ମୁଖ୍ୟ ଗଳି ରାସ୍ତା। ଉକ୍ତ ରାସ୍ତା ଦେଇ ସାହିବାସିନ୍ଦା ଚଳପ୍ରଚଳ କରିଥାନ୍ତି। ଉକ୍ତ ରାସ୍ତା ଦେଇ ଡ୍ରେନ ମଧ୍ୟ ଯାଇଛି। ତେବେ କିଛି ବ୍ୟକ୍ତି ଉକ୍ତ ଡ୍ରେନ ଉପରେ ଘର କରିଥିବା ଯୋଗୁ ପାଣି ଜମା ହୋଇ ଯାତାୟାତରେ ବାଧା ଉପୁଜୁଛି। ତେଣୁ ଉକ୍ତ ଗଳି ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ନେଇ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରେ ସେ କହିଛନ୍ତି ଉକ୍ତ ଅଭିଯୋଗର ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ।

### ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୧୮।୯(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ସୋମବାର ସନ୍ଧ୍ୟାରେ ବି.ତୁରୁବୁଡ଼ି ଗ୍ରାମର କାଳୁ ନାଇକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ରବିବାର ସନ୍ଧ୍ୟାରେ ପୋଲିସ ପେଟ୍ରୋଲିଂ ସାରି ଫେରୁଥିବା ବେଳେ କାଳୁ ମଦ ସହ ପୋଲିସ ହାବୁଡ଼ରେ ପଡ଼ିଥିଲେ । ତାଙ୍କଠାରୁ ୨୦ ଲିଟର ଚୋରା ରନ୍ଧା ଦେଶୀ ମଦ ଜବତ କରାଯାଇଥିଲା । ଥାନା ମାମଲା ନଂ. ୧୫୯/୧୮ ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ସୀମାଞ୍ଚଳ ମିଶ୍ର ଜଣାଇଛନ୍ତି ।

### ପ୍ରେସ୍ କ୍ଲବ ସାଧାରଣ ପରିଷଦ ବୈଠକ

**ଫୁଲବାଣୀ ଅଫିସ, ୧୮।୯** କନ୍ଧମାଳ ଜିଲା ତଥା ଫୁଲବାଣୀ ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ଖବରଦାତାମାନେ ବହୁ ଅସୁବିଧା ସତ୍ତ୍ୱେ ସେମାନଙ୍କ କାର୍ଯ୍ୟ କରି ଆସୁଛନ୍ତି। ହେଲେ ସେମାନଙ୍କ ସ୍ୱାର୍ଥ ଏବଂ ଆର୍ଥିକ ବ୍ୟବସ୍ଥା ପ୍ରତି କାହାରି ନିଘା ନାହିଁ ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ଅଧାପନ୍ତରିଆ ଥିବା ପ୍ରେସ୍ କ୍ଲବର ଗୃହ ନିର୍ମାଣ କିପରି ଶେଷ ହେବ ତାହା ଉପରେ ସମସ୍ତେ ମତ ରଖିଥିଲେ । ଶେଷରେ ପ୍ରେସ୍ କଲୋନୀ ପାଇଁ ଏକ ପ୍ରସ୍ତାବ ଗୃହୀତ କରାଯାଇଥିଲା । ଯଥାଶୀଘ୍ର ଏହି ପ୍ରସ୍ତାବ ପ୍ରଶାସନକୁ ଅବଗତ କରାଯିବ ବୋଲି କୁହାଯାଇଥିଲା।

### ତହସିଲଦାରଙ୍କ ଯୋଗଦାନ

ଶେରଗଡ,୧୮।୯(ଡି.ଏନ୍.ଏ): ଶେରଗଡରେ ସୋମବାର ଡ. ଦୟାସିନ୍ଧୁ ପରିଡା ନୂତନ ତହସିଲଦାର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାଶଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ତହସିଲଦାର ପରିଡ଼ା ଶେରଗଡ ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହାକ, ସୁପରଭାଇଜର ଅନ୍ୟ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

# ବଲସକୁମ୍ପା ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା

**ବୈଦ୍ୟନାଥ ବେହେରା**
**ଖଜୁରିପଡା,୧୮।୯(ଡି.ଏନ୍.ଏ.)**

- ପାଠ ପଢ଼ି ଆସିବାକୁ ଇଚ୍ଛା କରୁନାହାନ୍ତି ଛାତ୍ରୀଛାତ୍ର
- ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ପାଠପଢା

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାରେ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ଏବେବି ପ୍ରଶାସନର ଦୃଷ୍ଟିଆଢୁଆଳରେ ରହିଯାଇଛି କିଛି ବିଦ୍ୟାଳୟ। ଏଗୁଡିକ ଘୋର ଅବ୍ୟବସ୍ଥା ଦେଇ ଗତି କରୁଛି। ଏମିତି ଏକ ବିଦ୍ୟାଳୟ ହେଉଛି ବଲସକୁମ୍ପା ନୋଡାଲ ଉଚ୍ଚ ବିଦ୍ୟାଳୟ। ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଖଜୁରିପଡା ବ୍ଲକ ବଲସକୁମ୍ପା ପଞ୍ଚାୟତ ମା' ବରାଳଦେବୀ ପୀଠ ଓ ମନ୍ଦିର ସମ୍ମୁଖରେ ରହିଛି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ। ୧୫୦ଜଣ ଛାତ୍ରୀଛାତ୍ର ଏବେ ଏଠାରେ ପାଠ ପଢୁଛନ୍ତି। ବ୍ରିଟିଶ ଅମଳରୁ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟ ୧୯୯୩ ମସିହାରେ ନୋଡାଲ ବିଦ୍ୟାଳୟର ମାନ୍ୟତା ପାଇଛି। ମାତ୍ର ସେହି ପୁରୁଣା କାନ୍ଥ ଓ ଆଜବେଷ୍ଟସ୍ ଘର ରହିଛି। ଏଥିପ୍ରତି ନା ପ୍ରଶାସନ ନା ସ୍ଥାନୀୟ ନେତା କାହାରି ହେଲେ ନଜର ନାହିଁ। ଫଳରେ ଛାତ୍ରୀଛାତ୍ରମାନେ



ବିଦ୍ୟାଳୟ ପରିସରରେ ଜମି ରହିଛି ପାଣି।

ବିଦ୍ୟାଳୟ ପ୍ରତି ମୁହଁ ଫେରାଉଛନ୍ତି। ବିଭିନ୍ନ ସ୍ଥାନରେ ଆଜବେଷ୍ଟସ୍ ଗୁଡିକ ଭାଙ୍ଗିରୁଜି ଗଲାଣି। ବିଦ୍ୟାଳୟରେ ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା ନ ଥିବାବେଳେ ଭଲ ରୋଷେଇ ଘର ମଧ୍ୟ ନାହିଁ। ଚଟାଣରୁ ପଲସ୍ତରା ଉଠିଲାଣି। ବର୍ଷାହେଲେ ଛାତରୁ ପାଣି ଗଳୁଛି। ପିଲାଙ୍କ ବସିବା ପାଇଁ ବେଞ୍ଚ ନାହିଁ କି ଖେଳିବାକୁ ପଡିଆ ମଧ୍ୟ ନାହିଁ। ଫଳରେ ଦିନକୁ ଦିନ ଉପସ୍ଥାନ କମୁଛି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ସ୍ଥାନୀୟ ମା' ଇଷ୍ଟଦେବୀ ଯୁବ କଳାପରିଷଦ ଯୁବକ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିବା ସଂଘର ଉପଦେଷ୍ଟା, ସମ୍ପାଦକ ବିଦୂର ବେହେରା, ସଭାପତି ବିନାୟକ ସାହାଣି ପ୍ରମୁଖ କହିଛନ୍ତି।

ପ୍ରଧାନଶିକ୍ଷକ ସୁଦର୍ଶନ ମହାପାତ୍ର କୁହନ୍ତି, ବିଦ୍ୟାଳୟର ଅବ୍ୟବସ୍ଥା ନେଇ ବହୁବାର ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ, ହେଲେ ସୁଫଳ ମିଳୁନି। ଏଠାରେ ୮ଟି ଶ୍ରେଣୀଗୃହ ଥିବାବେଳେ ଗୋଟିଏ କେବଳ ଭଲ ଅଛି।

ବିଦ୍ୟାଳୟର ପୁରାତନ ଛାତ୍ର ଅନ୍ତର୍ଯ୍ୟାମୀ ଦଳବେହେରା ପ୍ରତିକ୍ରିୟାରେ କହିଛନ୍ତି, ବିଦ୍ୟାଳୟ ପରିଚାଳନା କମିଟି ଏଥିପାଇଁ ଦାୟୀ। କମିଟିରେ ଥାଇ ମଧ୍ୟ ସେମାନେ କିଛି କରୁନାହାନ୍ତି। କେତେକ ଖଳ ପ୍ରକୃତିର ଲୋକ ନିଜ ସ୍ୱାର୍ଥ ପାଇଁ ବିଦ୍ୟାଳୟର ଉନ୍ନତିରେ ବାଧକ ସାଜୁଛନ୍ତି ବୋଲି ସମିତିସଭ୍ୟ ସରୋଜ କୁମାର ସାହାଣୀ ପ୍ରକାଶ କରିଛନ୍ତି।

# ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା

**ମୋହନା,୧୮।୯**

ଗଜପତି ଜିଲା ମୋହନା ବ୍ଲକ ଅଡବା ଥାନା ପାଣିଗଣ୍ଡା ପଞ୍ଚାୟତ ଆଦିବାସୀ ଗ୍ରାମ ବୁଢାଡିହରେ ସୋମବାର ରାତି ପ୍ରାୟ ୩ଟାରେ ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ସ୍ୱାମୀ ହତ୍ୟା କରିଛନ୍ତି । ମୃତକ ହେଲେ ସସ୍ମିତା ମଣ୍ଡଳ (୨୨)। ଏନେଇ ପୋଲିସ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିବା ସହ ସ୍ୱାମୀ ମିଟୁ ମଣ୍ଡଳଙ୍କୁ ଗିରଫ କରିଛି । ଏ ନେଇ ନଂ ୩୯/୧୮ରେ ମାମଲା ରୁଜୁ ହୋଇଥିବା ଅଡବା ଭାରପ୍ରାପ୍ତ ଆଇଆଇସି ମୁକେଶ ଲାକ୍ରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମିଟୁ କଲେଜରେ ପଢୁଥିବାବେଳେ ସହପାଠୀ ସସ୍ମିତାଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପ୍ରାୟ ବର୍ଷେ ତଳେ ସସ୍ମିତା ଗର୍ଭବତୀ ହେବାପରେ ମିଟୁଙ୍କ ଘରକୁ ଚାଲି ଆସିଥିଲେ। ଆଗରୁ ମିଟୁ ଭଲ ପାଉଥିବା ଅନ୍ୟ ଜଣେ ଯୁବତୀ ମଧ୍ୟ ସେହି ଦିନ ତାଙ୍କ ଘରକୁ ଆସିଥିଲେ। ୨ ଜଣ ମିଟୁଙ୍କ ଘରେ ରହିଥିଲେ। ସସ୍ମିତା ୮ ମାସର ଗର୍ଭବତୀ ହେବାପରେ ମିଟୁ ଶ୍ୱଶୁର ଘର ଗ୍ରାମ ନିକଟସ୍ଥ ସୁନ୍ଦରଗଡରେ ଛାଡି ଦେଇ ଆସିଥିଲେ। ସସ୍ମିତା ଜୁଲାଇ ୧୨ରେ ସେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ସୋମବାର ସସ୍ମିତାଙ୍କ ବାପା ଝିଅ ଓ ନାତିକୁ ନେଇ ଜ୍ୱାଇଁ ଘରକୁ ଆସିଥିଲେ। ପରିବାର ଲୋକେ ରାତିରେ ଖାଇସାରି ଶୋଇପଡିବା ପରେ ରାତି ପ୍ରାୟ ୩ଟାବେଳେ ମିଟୁ ଏକ ଟାଙ୍ଗିଆରେ ସସ୍ମିତାଙ୍କୁ ହାଣି ଦେଇଥିଲେ। ପରିବାର ଲୋକେ ଚିତ୍କାର ଶୁଣି ସସ୍ମିତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ମିଟୁକୁ କାବୁ କରି ଅଡବା ଥାନାକୁ ଖବର ଦେଇଥିଲେ। ଶ୍ୱଶୁର ପ୍ରଫୁଲ୍ଲ ଶବର ଏନେଇ ଅଡବା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇଆଇସି ଲାକ୍ରା, ଏଏସ୍ଆଇ ଜୟପ୍ରକାଶ ପଟ୍ଟନାୟକ ଓ ଏଏସ୍ଆଇ ଜନ ଶବରଙ୍କ ସମେତ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ମୋହନା ବିଡିଓ ବଂଶୀଧର ଖୋସଲା ପହଞ୍ଚି ହତ୍ୟାରେ ବ୍ୟବହୃତ ରକ୍ତଭିଜା ଟାଙ୍ଗିଆ ଜବତ କରିବା ସହ ମିଟୁଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ତାଙ୍କ ଅନ୍ୟଜଣେ ସ୍ତ୍ରୀଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା ଚଳାଇଛନ୍ତି। ଶିଶୁଟିକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଡିଓ ଖୋସଲା ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି।

### ଜ୍ଞାନପ୍ରଭା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

# ଯୋଗଦେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗମାଙ୍ଗ

**ପାଟପୁର,୧୮।୯(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଖଣ୍ଡଦେଉଳିସ୍ଥିତ ଜ୍ଞାନପ୍ରଭା ଆଦର୍ଶ ବିଦ୍ୟାଳୟର ସୋମବାର ଅପରାହ୍ନରେ ୬ଷ୍ଠତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଭୁବନେଶ୍ୱର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼. ଗିରିଧର ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼. ତାରିଣୀ ଚରଣ ପଣ୍ଡା, କଟକ ବାର ଆସୋସିଏସନର ସେକ୍ରେଟାରୀ ନରେଶ ଚନ୍ଦ୍ର ଜେନା, ବୈଜ୍ଞାନିକ ଡ଼. ସତ୍ୟବାନ ବିଶୋୟୀ, ମାନବାଧିକାର ସମ୍ପାଦକ ସବିତା ସାହୁକାର, ଜିଲା ପରିଷଦ ସଭ୍ୟ ଗୀତାଞ୍ଜଳି ନାୟକ, ଗଦାଧର ସ୍ୱାଇଁ, ସରପଞ୍ଚ ଗୌରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଗୁରୁଜୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପିଲାମାନେ ଆମ ଦେଶର ଭବିଷ୍ୟତ ସେମାନେ ଆଗକୁ ବଢ଼ନ୍ତୁ ଦେଶ ଆଗକୁ ବଢ଼ିବ । କେବଳ ପିଲାମାନେ ପାଠ ପଢ଼ିବେ ତାହା ନୁହେଁ ଏଠାରୁ ସଂସ୍କାର ଶିଖିବା ଓ ଶିଖାଇବାର ଆବଶ୍ୟକତା ରହିଛି । ବିଭିନ୍ନ ଦଳର ସଦସ୍ୟମାନେ ଏଠାରେ ଅଛନ୍ତି । କିନ୍ତୁ ମୁଁ ଦଳଗତ ଭାବେ ଆସିନାହିଁ । ଶିକ୍ଷାନୁଷ୍ଠାନ ମୋତେ ଭଲ ଲାଗେ ମୁଁ ଆସେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଗମାଙ୍ଗ ନିଜ ଅଭିଭାଷଣରେ କହିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାଯର୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଏହି କାଯର୍ୟକ୍ରମକୁ ବିଦ୍ୟାଳୟର ଗୁରୁମା, ଗୁରୁଜୀ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ତଥା ଶିକ୍ଷା କମିଟି ସଦସ୍ୟ ଯୋଗ ଦେଇଥିଲେ ।



ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଉଛି।

# ଅଗ୍ନି ବିପନ୍ନଙ୍କୁ ସହାୟତା



**ଧରାକୋଟ,୧୮।୯(ଡି.ଏନ୍.ଏ.)**

ଧରାକୋଟ ବ୍ଲକର ଆଦିବାସୀ ଅଧ୍ୟୁଷିତ ଟିଣିଟିଶାପଲ୍ଲୀ ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ୮ ପରିବାରକୁ ଧରାକୋଟ ଓ ଘୁମୁସର କନ୍ଧକୁଳ ସମାଜ ପକ୍ଷରୁ ସୁଖିଲା ଖାଦ୍ୟ, ବସ୍ତ୍ର ଓ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। କୁଳ ସମାଜ ସଭାପତି ସୁଦାମ ମଲିକ, ସମ୍ପାଦକ ନିର୍ମଳ ମଲିକ, ଉଦେଷ୍ଟା ରଘୁନାଥ ମଲିକ ପ୍ରମୁଖ କ୍ଷତିଗ୍ରସ୍ତ ପରିବାରକୁ ଭେଟି ସହାୟତା ପ୍ରଦାନ କରିଥିଲେ।

# ସିନ୍ଧୁରିଆପଡ଼ାରେ ଶାନ୍ତି କମିଟି ଗଠିତ

**କବିସୂର୍ଯ୍ୟନଗର,୧୮।୯**

କବିସୂର୍ଯ୍ୟନଗର ବ୍ଲକ ସିନ୍ଧୁରିଆପଡ଼ା ଗ୍ରାମରେ ଗଣେଶ ପୂଜାକୁ କେନ୍ଦ୍ରକରି ଦୁଇ ଦଳ ମଧ୍ୟରେ ଗତ ରାତିରୁ ଛକାପଞ୍ଝା ଲାଗିରହିଛି। ମଙ୍ଗଳବାର ଦିନ ସାରା କସରତ ପରେ ସନ୍ଧ୍ୟାରେ ଶାନ୍ତି କମିଟି ଗଠନ କରି ପରିସ୍ଥିତିକୁ ଆୟତାଧିନ ରଖିଥିବା ଆଇଆଇସି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ପ୍ରକାରେ ସିନ୍ଧୁରିଆପଡ଼ା ଗ୍ରାମର ପଶ୍ଚିମବାଡ଼ ପକ୍ଷରୁ ୧୦ ବର୍ଷ ହେଲା ଗଣେଶ ପୂଜା କରି ଆସୁଛନ୍ତି। ସେହିପରି ପୂର୍ବବାଡ଼ କିଛି ବର୍ଷ ହେଲା ଗଣେଶ ପୂଜା ଆରମ୍ଭ କରିଥିଲେ। ପୂର୍ବବାଡ଼ ଦୁଇଦିନ ଧରି ମନୋରଞ୍ଜନ କାର୍ଯ୍ୟକ୍ରମ ସନ୍ଧ୍ୟାରେ କରିଥିଲେ। ସେହିପରି ସୋମବାର ପଶ୍ଚିମବାଡ଼ ମନୋରଞ୍ଜନ କାର୍ଯ୍ୟକ୍ରମ ସନ୍ଧ୍ୟାରେ ଚାଲୁଥିବା ବେଳେ ବିଦ୍ୟୁତ ସରବରାହ କିଛି ସମୟ ବିଚ୍ଛିନ୍ନ ହୋଇଥିଲା। ଏଥିପାଇଁ ପଶ୍ଚିମବାଡ଼ କିଛି ଲୋକ ଜାଣିଶୁଣି ପୂର୍ବବାଡ଼ର କିଛି ବ୍ୟକ୍ତି ବିଦ୍ୟୁତ ସରବରାହ ବାଧା ସୃଷ୍ଟି କରୁଥିବା ନେଇ ଅଭିଯୋଗ କରିଥିଲେ। ଏହାକୁ ନେଇ ମାରପିଟ ମଧ୍ୟ ହୋଇଥିଲା। ସୋମବାର ରାତିରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିଥିଲେ। ମଙ୍ଗଳବାର ପଶ୍ଚିମବାଡ଼ର ଶତାଧିକ ମହିଳା ପୁରୁଷ ଏକତ୍ର ହୋଇ ଗାଁରେ ବେନିୟମ ଦେଶୀମଦ ବିକ୍ରି କରିବାକୁ ବିରୋଧ କରି ସଭା କରିଥିଲେ। ମଦ ବିକ୍ରିବଟା ବନ୍ଦ ନ କଲେ ଗଣେଶ ମେଢ଼ ବିସର୍ଜନ ହେବ ନାହିଁ ଜିଦ ଧରି ବସିଥିଲେ। କବିସୂର୍ଯ୍ୟନଗର ଆଇଆଇସି ବୀଭସ୍ୱ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏଏସଆଇ ରବିନ୍ଦ୍ର ନାଥ ଗୌଡ଼ ଓ ଉମାଚରଣ ପ୍ରହରାଜ ଏବଂ ସଦଳବଳେ ପୋଲିସ ପହଞ୍ଚି ଉଭୟ ପକ୍ଷ ବୁଝାସୁଝା କରି ଶାନ୍ତି କମିଟି ଗଠନ ଓ ବିସର୍ଜନ ତାରିଖ ସ୍ଥିର କରି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିଥିଲେ।

# ବୋରିଗାଁରେ ଭାଜପାର କର୍ମୀ ସମ୍ମିଳନୀ

**କୁକୁଡ଼ାଖଣ୍ଡି,୧୮।୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ବୋରିଗାଁ ପଞ୍ଚାୟତ ମା' କାଳୁଆ ମନ୍ଦିର ପ୍ରାଙ୍ଗଣରେ ଭାଜପାର କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋରିଗାଁ ପଞ୍ଚାୟତର ୫ ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ସଭାପତି କାହ୍ନୁ ଚରଣ ପତି, ରାଜ୍ୟ ସମ୍ପାଦକ ବିଭୂତି ଜେନା, ୧୦ନଂ ଜିଲା ପରିଷଦ ଏଲ. ମୋହନ ଦାସ, ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ରାଜେଶ ସାହୁ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ପ୍ରଥମେ ବୋରିଗାଁରେ ଶିବ ମନ୍ଦିରରେ ଏକତ୍ରିତ ହୋଇଥିଲେ। ସେଠାରେ ପ୍ରଦୀପ ପ୍ରଜ୍ୱଳନ ସହ ଗ୍ରାମ ପରିକ୍ରମା କରିଥିଲେ। ଭାଜପା ସପକ୍ଷରେ ବହୁ ନାରାବାଜି ଦେଇ ଶେଷରେ ମା' କାଳୁଆ ମନ୍ଦିରରେ ପହଞ୍ଚି ଏକ ସଭାର ଆୟୋଜନ କରିଥିଲେ। ବୈଠକରେ ଦଳକୁ ମଜଭୁତ କରିବାକୁ ଆଲୋଚନା ହୋଇଥିଲା। ବୋରିଗାଁ ପଞ୍ଚାୟତର ବାବୁଲା ସାହୁ, ସ୍ୱରାଜ୍ୟ ପାଢ଼ି, ନିର ସାହୁ, ତିରୁପତି ସାହୁ, ସଞ୍ଜୟ ସାହୁ, ଶଙ୍କର ସାହୁ, ଜିତୁ ସାହୁ, ଦୁଃଖିରାମ ସାହୁ ଓ ରବୀନ୍ଦ୍ର ପାତ୍ର ପ୍ରମୁଖ ବୈଠକ ପରିଚାଳନା କରିଥିଲେ।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ପାତ୍ରପୁର,୧୮।୯ (ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତର ଗୁଜୁଳିଂଗି, ବୁରାତାଲ ଓ ତୁମ୍ବା ଗ୍ରାମରେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷାଦେବୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ପ୍ରଥମେ ଗୁଜୁଳିଂଗି କୋଠଘର ଉଦ୍‌ଘାଟନ ପରେ ବୁରାତାଲ ଆଦିବାସୀ ବିଦ୍ୟାପିଠ ଅତିରିକ୍ତ ଶ୍ରେଣୀକକ୍ଷ, ତୁମ୍ବା ଗ୍ରାମ୍ୟ ମଣ୍ଡପକୁ ଉଦ୍‌ଘାଟନ କରାଯାଇଥିଲା। ତୁମ୍ବା ବିଜୁ ଯୁବବାହିନୀ କର୍ମୀଙ୍କୁ ବିଧାୟିକା ସାକ୍ଷାତ କରି ପଞ୍ଚାୟତର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ଗଣେଷ ପୂଜା ମଣ୍ଡପ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ହେମଲତା ଜାନି, ସମିତି ସଭ୍ୟା ରାଜେଶ୍ୱରୀ ସାହୁ, ଚନ୍ଦ୍ରଶେଖର ପ୍ରଧାନ, ସରୋଜ କୁମାର ବିଷୋଇ, ଉମା ଚରଣ ପ୍ରଧାନ, ସିକନ୍ଦର ସାହୁ, ଜନକ କୁମାର ଜାନି, କୈଳାଶ ସାହୁ, ଶିଶିର ମହାନ୍ତି ପ୍ରମୁଖଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ମନ୍ତ୍ରୀ ଉଷା ଦେବୀ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ପୋଲସରା,୧୮।୯(ଡି.ଏନ.ଏ.)**

ପୋଲସରା ବ୍ଲକ ଭାବରଡ଼ା ଗ୍ରାମପଞ୍ଚାୟତରେ ସୋମବାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନବାବୁଙ୍କ ଲୋକାଭିମୁଖି କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ଥାନୀୟ ପଞ୍ଚାୟତର ସାବିତ୍ରୀ ବଗଡ଼ ଓ ରାଆଣ୍ଡି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ କରାଯାଇଥିବା ବେଳେ ଭାବରଡ଼ା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଲାଗି ଭୂମିପୂଜନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ବିଜେଡିରୁ ଦୁରେଇ ରହିଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ନାଥ ପ୍ରଧାନ ବିଧାୟକ ସାହୁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡିରେ ପୁଣି ସାମିଲ ହୋଇଥିଲେ । ଯାହାକି ପୋଲସରା ରାଜନୀତିରେ ଚଳଚଞ୍ଚଳ ଦେଖାଦେଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷ ସଂଯୁକ୍ତା ବାଡ଼ତ୍ୟା, ସୁରେନ୍ଦ୍ର ନାଥ ପ୍ରଧାନ, ଅଶୋକ ବିଶୋୟୀଙ୍କ ସମେତ ସରପଞ୍ଚ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।




ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

# ଗ୍ରାମକୁ ପକ୍କା ରାସ୍ତା ନାହିଁ, ଲୋକେ ହନ୍ତସନ୍ତ

**ଆର.ଉଦୟଗିରି,୧୮।୯(ଡି.ଏନ.ଏ.)**

ଗଜପତି ଜିଲା ନୂଆଗଡ଼ ବ୍ଲକରେ ଏମିତି କେତେକ ଗ୍ରାମ ରହିଛି ଯେଉଁ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ସ୍ୱାଧୀନତାର ୭୧ ବର୍ଷ ପରେ ବି ଏହିସବୁ ଗ୍ରାମଗୁଡ଼ିକୁ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରୁନାହିଁ। ଫଳରେ ଗମନାଗମନ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି। ଏପରିକି ଦେଖିବାକୁ ମିଳିଛି ଆଡସିଂ ପଞ୍ଚାୟତର ରିଙ୍ଗସିଂ, ପେଚର, ସାବରଡ଼ା, କେରେ, ରେଗିଡ଼ି, ଗୁମ୍ମା, ଗମ୍ଭାରିସାହି, ଝୁଣ୍ଟିଆସାହି, ତାଳପେଚର, ବାରବା, ପାରାଦି, ଘୋଡ଼ାକଣ, କୁଟୁରୁଡ଼ା ଆଦି ଗ୍ରାମ ଆର.ଉଦୟଗିରି ବ୍ଲକ ସଦର ମହକୁମା ଉପରେ ନିର୍ଭର କରନ୍ତି। ତେବେ ଏହି ଗ୍ରାମଗୁଡ଼ିକୁ ସଂଯୋଗ କରିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ୪ ଚକିଆ ତ ଦୂରର କଥା ଦୁଇ ଚକିଆ ଯାନ ମଧ୍ୟ ଏହି ରାସ୍ତାରେ ଯିବା ଆସିବା କରିବା ଅସମ୍ଭବ ହୋଇପଡୁଛି। ଆର.ଉଦୟଗିରି ତହସିଲ ପକ୍ଷରୁ ଏହି ଗ୍ରାମଗୁଡ଼ିକରେ ବସବାସ କରୁଥିବା ଜନସାଧାରଣଙ୍କ ଜମିରୁ ରାଜସ୍ୱ ଆଦାୟ କରାଯାଉଛି। କିନ୍ତୁ ଲୋକଙ୍କ ଗମନାଗମନ ପାଇଁ ପକ୍କାରାସ୍ତାଟିଏ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିଲା ନାହିଁ ବୋଲି ସରପଞ୍ଚ ତିମତି ଶବର ଏବଂ ସୁଦର୍ଶନ ମଣ୍ଡଳ ପ୍ରମୁଖ ଅଭିଯୋଗ କରିଛନ୍ତି। ପକ୍କା ରାସ୍ତାଟିଏ ନଥିବା ଯୋଗୁଁ ଗ୍ରାମକୁ ଜରୁରୀକାଳିନ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚି ପାରୁନାହିଁ। ଫଳରେ ଗୁରୁତର ରୋଗୀ ଏବଂ ଗର୍ଭବତୀ ମହିଳାମାନେ ଜରୁରୀ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ବର୍ଷାଦିନେ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ଗ୍ରାମରୁ ଆର.ଉଦୟଗିରି ଯାଇ ପାଠ ପଢ଼ିବାରେ ସମସ୍ୟା ହେଉଛି ବୋଲି କିଛି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏନେଇ ଆଡସିଂ ସରପଞ୍ଚ ତିମତି ଶବର ବହୁବାର ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଦୀର୍ଘବର୍ଷ ଧରି ଏହି ପଞ୍ଚାୟତବାସୀ ରାସ୍ତା ସମସ୍ୟାରେ ଝୁଣ୍ଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ନୂଆଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଉପରୋକ୍ତ ଗ୍ରାମଗୁଡ଼ିକୁ ଯିବା ଆସିବା ସୁବିଧା ଲାଗି ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଲୋକେ ଦାବି କରିଛନ୍ତି। ସରପଞ୍ଚ ତିମତି ଶବର କହିଛନ୍ତି ପୂର୍ବରୁ ଏହି ପଞ୍ଚାୟତରେ ଯିବା ଆସିବା କରିବା ପାଇଁ ରାସ୍ତା ସମସ୍ୟା ଥିଲା। ମୁଁ ନିର୍ବାଚିତ ହେବା ପରେ କଙ୍କୁରୁଡ଼ା ଠାରୁ ଦାନ୍ତରିକଟ ଗ୍ରାମର ଲୋକମାନେ ଜଙ୍ଗଲ ଭିତରେ ଯାତାୟତ କରୁଥିଲେ। ଏହି ରାସ୍ତା କାମ ଆରମ୍ଭ କରାଯାଇଛି। ଘୋଡ଼ାକଣ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରିବା ପାଇଁ ଜିଲା ପ୍ରଶାସନକୁ ବହୁବାର ଜଣାଯାଇଛି। ଗତ ୩୧ ତାରିଖରେ ସରପଞ୍ଚ ଗ୍ରାମ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଘୋଡ଼ାକଣ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରିବାକୁ ନିବେଦନ କରିଥିଲେ। ନିର୍ବାହୀ ଯନ୍ତ୍ରୀ କହିଥିଲେ ଘୋଡ଼ାକଣ ରାସ୍ତା ୭ ନଂ ଲିଷ୍ଟରେ ଅଛି। ଏହି ରାସ୍ତା ନିର୍ମାଣ କରିବା ପାଇଁ ସରକାରଙ୍କ ପାଖକୁ ପଠାଯାଇଛି। ସେଠାରୁ ଟଙ୍କା ଆସିଲେ ରାସ୍ତା କାମ କରାଯିବ।



ବିପର୍ଯ୍ୟସ୍ତ ରାସ୍ତା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ସେପ୍ଟେମ୍ବର ୧୯/୨୦୧୮ Berhampur, Wednesday, September, 19/ 2018

## ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସମୂହ ଛୁଟିରେ

# ସଚିବଙ୍କ ଭିଡିଓ କନଫରେସିଂରେ ଯୋଗଦେଲେନି ଯନ୍ତ୍ରୀ

ଛତ୍ରପୁର,୧୮।୯(ଡି.ଏନ.ଏ)

ରାଜ୍ୟ ଜଳ ସମ୍ପଦ ସଚିବ ଭୁବନେଶ୍ୱରରେ ରହି ଭିଡିଓ କନଫରେସିଂ ଜରିଆରେ ମଙ୍ଗଳବାର ଗଞ୍ଜାମ ଜିଲାର ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଥିଲା । ମାତ୍ର ଜିଲାର ସମସ୍ତ ବିଭାଗୀୟ ଯନ୍ତ୍ରୀ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଭିଡିଓକନଫରେସିଂ ହଲ୍‌ରେ ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟ ଉଚ୍ଚ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚାଲିଛି। ଛତ୍ରପୁର ବ୍ଲକରେ ମଧ୍ୟ ଯନ୍ତ୍ରୀମାନଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଦରମା ଅବହେଳା ପ୍ରତିବାଦରେ ଯନ୍ତ୍ରୀମାନେ ମଙ୍ଗଳବାରଠାରୁ ସମୂହ ଛୁଟିରେ ଯାଇଛନ୍ତି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଏହା ଚାଲିବ । ତେଣୁ ଜଳ ସମ୍ପଦ ସଚିବଙ୍କ କାର୍ଯ୍ୟକ୍ରମରେ ଯନ୍ତ୍ରୀମାନେ ଯୋଗ ଦେଇନାହାନ୍ତି। ସେହିପରି ଛତ୍ରପୁର ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ ଜନଶୁଣାଣିରେ ମଧ୍ୟ ସମସ୍ତ ଯନ୍ତ୍ରୀ ଅନୁପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଚାଲିଛି ।

ଆସନ୍ତା ୨୦ ତାରିଖରେ ପଞ୍ଚାୟତିରାଜ ଓ ଜଳଯୋଗାଣ ବିଭାଗର ସଚିବ ମଧ୍ୟ ଭିଡିଓ କନଫେରେସିଂ କରିବେ। ସେଥିରେ ମଧ୍ୟ ଯନ୍ତ୍ରୀମାନେ ଯୋଗଦେବେନି ବୋଲି ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ୩୭୦ ଯନ୍ତ୍ରୀ ଅଛନ୍ତି। ଡିପ୍ଲୋମା ଇଞ୍ଜିନିୟରଙ୍କ ମୂଳ ନିଯୁକ୍ତି ପଦବୀ ସହକାରୀ ଯନ୍ତ୍ରୀ କରିବା, ପଦୋନ୍ନତି ହାର ଶତକଡା ୫୦ ଭାଗକୁ ବୃଦ୍ଧି, ପଞ୍ଚାୟତିରାଜ ବିଭାଗର ସମସ୍ତ ଜିପିଟିଏ, କନିଷ୍ଠ ଯନ୍ତ୍ରୀ-୨ଙ୍କୁ ନିୟମିତ ମାନ୍ୟତା, ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି, ଡିପ୍ଲୋମା ଇଂଜିନିୟର ମାନଙ୍କର କ୍ୟାଡର ପୁନର୍ଗଠନ ଏବଂ କୃଷି ଓ ମେକାନିକାଲ ବିଭାଗରେ ନିଯୁକ୍ତ ଡିପ୍ଲୋମା ଇଞ୍ଜିନିୟର କ୍ୟାଡରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଆଦି ଦାବି ନେଇ ସଂଘ ଆନ୍ଦୋଳନ ଚଳାଇଛି। ଶକ୍ତି ଜେନା, ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫୁଲ୍ଲ ସ୍ୱାଇଁ, ବାବୁ ମଲ୍ଲିକ, ଜୟସେନ ବେହେରା, ଶିବ ଶଙ୍କର ପାଢୀ ପ୍ରମୁଖ ଏହାର ନେତୃତ୍ୱ ନେଇଛନ୍ତି।

## କାମ ବନ୍ଦ କଲେ ଲୋକେ

ଛତ୍ରପୁର,୧୮।୯(ଡି.ଏନ.ଏ)

ଆଇଆର୍‌ଇ ପ୍ଲାଣ୍ଟ ପକ୍ଷରୁ ଚାଲିଥିବା ଡ୍ରେଜିଂ କାମକୁ ମଙ୍ଗଳବାର ସ୍ଥାନୀୟ ଲୋକେ ବନ୍ଦ କରିଛନ୍ତି। ବିସ୍ଥାପିତ କରିବା ପୂର୍ବରୁ କ୍ଷତିପୂରଣ ପ୍ରଦାନ ଦାବିରେ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦିଆଯାଇଛି। ଆଇଆରଇର ପ୍ରକଳ୍ପ ପାଇଁ ଲୋକେ ବିସ୍ଥାପିତ ହେବେ । ପୂର୍ବରୁ ହୋଇଥିବା ପ୍ରଶାସନର ନିର୍ଦ୍ଧାରିତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

## ରକ୍ତହୀନତାରେ ମହିଳା ମୃତ

ପାତ୍ରପୁର,୧୮।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ଆଦିବାସୀ ଗାଁ ଗୋପୀନାଥପୁରରେ ଜଣେ ମହିଳାଙ୍କର ରକ୍ତହୀନତାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ହେଲେ ଉକ୍ତ ଗ୍ରାମର ନୀଳାଞ୍ଚଳ ବଡମୁଣ୍ଡିଙ୍କ ସ୍ତ୍ରୀ ରୀତା (୨୮)। ଗତ ସପ୍ତାହରେ ରୀତା ଜରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସୋମବାର ସେ ଗୁରୁତର ହେବାରୁ ଅପରାହ୍ନରେ ତାଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ଜୁଆଆଡ୍ଡାରେ ଚଢ଼ାଉ: ୪ଗିରଫ,୫ବାଇକ ଜବତ

ହିଞ୍ଜିଳିକାଟୁ,୧୮।୯(ଡି.ଏନ୍.ଏ.)

ହିଞ୍ଜିଳି ପୋଲିସ ସୋମବାର ରାତିରେ ପୌରାଞ୍ଚଳର ଆଙ୍କୋରଡ଼ା ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲା। ୪ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ପୋଲିସ ୬ହଜାର ୮୩୦ଟଙ୍କା ଓ ୫ଟି ବାଇକ ଜବତ କରିଛି। ଅଭିଯୁକ୍ତମାନଙ୍କୁ ନଂ.୨୩୮/୧୮ରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଏସଆଇ ଭାଗ୍ୟଲତା ସ୍ୱାଇଁ କହିଛନ୍ତି।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ